## ସଂକ୍ଷେପରେ

### ବ୍ଲକସ୍ତରୀୟ ସୁରଭି

ଝରିଗାଁ,୨୬।୧୦(ସ୍ୱ.ପ୍ର)- ଝରିଗାଁ ଗୋଷ୍ଠୀ ଶିକ୍ଷା କେନ୍ଦ୍ର ପରିସରରେ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏବିଇଓ ଶିବଶଙ୍କର ମଣ୍ଡଳ ଅଧକ୍ଷତା କରିଥିଲେ। ୨୦ଟି କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରେନ୍ଦ୍ର କୁମାର ପାଢୀ, ଏବିଇଓ ବିଜୟାନନ୍ଦ ସୋରୀ, ସୁରେନ ମଣ୍ଡଳ ପ୍ରମୁଖ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଦଳଗତ ନୃତ୍ୟ ପ୍ରତିଯୋଗୀତାରେ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରଥମ ,ଫୁଫୁଗାଁ ହାଇସ୍କୁଲର ଛାତ୍ରୀମାନେ ଦ୍ୱିତୀୟ ଏବଂ ବେଲଗାଁ ଆଶ୍ରମ ବିଦ୍ୟାଳୟର ଛାତ୍ରୀମାନେ ତୃତୀୟ ସ୍ଥାନରେ ରହିଥିଲେ। କୃତୀ ଛାତ୍ରୀଛାତ୍ରମାନେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବା ନେଇ ଯୋଗ୍ୟ ବିବେଚିତ ହୋଇଛନ୍ତି।

### ଇନ୍ଦ୍ରାବତୀ ବୁଡି ଅଞ୍ଚଳୀୟ ଗଣପରିଷଦ ବୈଠକ

ତେନ୍ତୁଲିଖୁଣ୍ଟି,୨୬।୧୦(ଡି.ଏନ.ଏ)- ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡାରେ ଇନ୍ଦ୍ରାବତୀ ବୁଡି ଅଞ୍ଚଳୀୟ ଗଣ ପରିଷଦର ସାଧାରଣ ସଭା ସମ୍ପାଦକ ସୁଧୀର ସୁନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଆବାହକତ୍ୱରେ ଇନ୍ଦ୍ରାବତୀ ବୁଡି ଅଞ୍ଚଳର ବିସ୍ଥାପିତଙ୍କ ବିଭିନ୍ନ ଦାବିକୁ ନେଇ ହୋଇଥିବା ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ। ବିସ୍ଥାପିତ ୧୪ ଟି ଦାବି ଉପରେ ଆଲୋଚନା କରାଯାଇଥିଲା। ବିସ୍ଥାପିତ ରେଜିଷ୍ଟ୍ରି କରିଥିବା ଜମିଜମା ତୁରନ୍ତ ମ୍ୟୁଟେସନ କରି ପଟ୍ଟା ପ୍ରଦାନ କରିବା, ଡ୍ୟାମଗୁଡିକ ମରାମତି ଓ ପରିଚାଳନା ବ୍ୟବସ୍ଥା କରିବା, ସିକ୍ୟୁରିଟି ବ୍ୟବସ୍ଥା ଉଚ୍ଚକୋଟିର କରିବା, ସିସିଟିଭି ବ୍ୟବସ୍ଥା ଆଦି ନିଷ୍ପତ୍ତିକୁ ସ୍ୱାଗତ କରାଯାଇଥିଲା। ବିସ୍ଥାପିତଙ୍କ ସମସ୍ୟାର ସମାଧାନ ପାଇଁ ଜିଲାପାଳ ଉଦ୍ୟମ କରିଥିବାରୁ ବ୍ରଜ ବିଶୋଇ ଧନ୍ୟବାଦ ଦେଇଥିଲେ।

### ଭାଜପାର ଗାନ୍ଧୀ ସଂକଳ୍ପ ପଦଯାତ୍ରା




ଡାବୁଗାଁ, ୨୬।୧୦ (ଡି.ଏନ.ଏ.)- ଡାବୁଗାଁ ବ୍ଲକରେ ଭାଜପା ପକ୍ଷରୁ ଗାନ୍ଧୀ ସଂକଳ୍ପ ଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି । ବୋରିଗାଁ, ଖୁଟୁଗୁଡା, ବୋରିପଦର, ଡ଼ଙ୍ଗରିଗୁଡା,ଡାବୁଗାଁ ଓ ମାନିଗାଁ ଆଦି ଗ୍ରାମରେ ଶୋଭାଯାତ୍ରା ପହଞ୍ଚି ମହାତ୍ମା ଗାନ୍ଧୀଙ୍କ ଆଦର୍ଶର ଭାରତ ବିଷୟରେ ଜନସାଧାରଣଙ୍କୁ ବୁଝାଇଥିଲେ । ନବରଙ୍ଗପୁର ପୂର୍ବତନ ଏମପି ପର୍ଶୁରାମ ମାଝୀ ଗାନ୍ଧୀଜୀଙ୍କ ସ୍ୱପ୍ନର ଭାରତକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଫଳ କରୁଛନ୍ତି ବୋଲି କହିଥିଲେ। ଏହି ସଂକଳ୍ପ ଯାତ୍ରାରେ ଜିଲା ଭାଜପା ଉପସଭାପତି ଜୟନ୍ତ କୁମାର ପାତ୍ର ଓ ହରିମୋହନ ଶର୍ମା, କୈଳାସ ପାଣିଗ୍ରାହୀ, ପଦ୍ମନ ନାୟକ, ଡାବୁଗାଁ ମଣ୍ଡଳ ସଭାପତି ରାଜଶେଖର ରାଓ, ଡାବୁଗାଁ ସାଧାରଣ ସମ୍ପାଦକ ମହେଶ ପାତ୍ର ଓ ଭୀମସେନ ଜେନା, ଜିଲା କାର୍ଯ୍ୟକାରିଣୀ ସଭ୍ୟ ନରୁ ସିଂ, ବନ୍ଧୁ ମାଝୀ, ପଙ୍କଜ ମାଝୀ, ସଦା ବାଘ, ଶ୍ୟାମ କଲାର, ଯାଦବ ବିଶୋଇ ଯୋଗ ଦେଇଥିଲେ ।

■ ଜିଲାସ୍ତରୀୟ ୫-ଟି ସମୀକ୍ଷା ବୈଠକ

# ସ୍ୱଚ୍ଛତା, କାର୍ଯ୍ୟଦକ୍ଷତାକୁ ଗୁରୁତ୍ୱ

ନବରଙ୍ଗପୁର,୨୬।୧୦(ବି.ପ୍ର)




ବୈଠକରେ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ। ଯୁବତୀଯୁବକଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରାଯାଉଛି।

ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷଠାରେ ଜିଲାପ୍ରଶାସନ ପକ୍ଷରୁ ୧୩ଟି ବିଭାଗକୁ ନେଇ ୫-ଟି ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଛି । ଏଥିରେ ଜିଲାପାଳ ଅଜିତ କୁମାର ମିଶ୍ର ଅଧକ୍ଷତା କରିଥିଲେ । ୫-ଟି ଅନୁସାରେ କାର୍ଯ୍ୟ କରିବାକୁ ସେ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ସହିତ ସ୍ୱଚ୍ଛତା ଓ କାର୍ଯ୍ୟଦକ୍ଷତା ଉପରେ ଗୁରତ୍ୱ ଦେଇଥିଲେ । ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ଓ ସଫଳତା ହାସଲ କରିବାକୁ କହିଥିଲେ । ତ୍ରିସ୍ତରୀୟ ପଞ୍ଚାୟତିରାଜ ଲୋକପ୍ରତିନିଧିଙ୍କୁ ସାମିଲ କରି ଉନ୍ନୟନ କାର୍ଯ୍ୟ କରିବାକୁ କହିଥିଲେ । ଜିଲାର ବିକାଶ ପାଇଁ ମିଳିତ ଭାବେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲାରେ ଆସନ୍ତା ତିନିମାସ ମଧ୍ୟରେ ଗ୍ରାମାଞ୍ଚଳରେ ୩୩ ହଜାର ବାସଗୃହ ନିର୍ମାଣ କରାଯିବାକୁ ସରକାରଙ୍କ ଲକ୍ଷ୍ୟଧାର୍ଯ୍ୟ ରହିଛି। ଏଥିପାଇଁ ପ୍ରାୟ୧୮କୋଟି ଇଟା ଆବଶ୍ୟକ ରହିଛି । ଜିଲାର ଲୋକମାନେ ଏହି ଇଟା ଯୋଗାଇଲେ ସେମାନେ ରୋଜଗାରକ୍ଷମ ହୋଇ ପାରନ୍ତେ ବୋଲି କହିଥିଲେ । ସେହିପରି ଆରଟିଓ ଅଫିସକୁ ଦଲାଲ ମୁକ୍ତ କରିବାକୁ କଡା ନିର୍ଦ୍ଦେଶ ଦେଇଥିଲେ । ମତ୍ସ୍ୟବିଭାଗ ଦ୍ୱାରା ମୋ ପୋଖରୀ ଯୋଜନା ତୁରନ୍ତ କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଜିଲା ଶିଳ୍ପକେନ୍ଦ୍ର ଦ୍ୱାରା କୁଟୀର ଶିଳ୍ପକୁ ପ୍ରୋତ୍ସାହନ ସମ୍ପର୍କରେ କହିଥିଲେ । ଏହି ବୈଠକରେ କୃଷି, ଉଦ୍ୟାନକୃଷି, ଶ୍ରମ, ଜଳସେଚନ, ସାମାଜିକ ସୁରକ୍ଷା, ଜଳବିଭାଜନ ପ୍ରକଳ୍ପ, ବିଦ୍ୟୁତ, ମତ୍ସ୍ୟ, ଆଇଟିଡିଏ, ସାମଜ କଲ୍ୟାଣ , ଆଞ୍ଚଳିକ ପରିବହନ ଓ ବନବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଓ ଯୋଜନାର ସମୀକ୍ଷା କରାଯାଇଥିଲା । ଜିଲାର ସମାଜିକ ଓ ଅର୍ଥନୈତିକ ବିକାଶ , ବୈଜ୍ଞାନିକ ପଦ୍ଧତିରେ ଚାଷ ଓ ଜୈବିକ ସାର ବ୍ୟବହାରର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲାର ୨୦ ଯୁବକ ଯୁବତୀ ଖାଦ୍ୟ ପ୍ରକ୍ରିୟାକରଣ ସମ୍ପର୍କରେ ହାଇଦ୍ରାବାଦ ସିଏଫସିଆରଆଇରୁ ତାଲିମ ନେଇ ଆସିବା ପରେ ଟିମ ଲିଡର କୃଷ୍ଣ ଚନ୍ଦ୍ର ନାୟକ ଓ ସଙ୍ଗୀତା ସାହୁ ସେମାନଙ୍କ ଅନୁଭୂତି ସମ୍ପର୍କରେ କହିଥିଲେ । ଏଥିସହ ସେମାନେ ତିଆରି କରିଥିବା ସାମଗ୍ରୀ ପ୍ରଦର୍ଶିତ କରିଥିଲେ। କୃଷିଭିତ୍ତିକ କୁଟୀର ଶିଳ୍ପପ୍ରତିଷ୍ଠା ପାଇଁ ଉଦ୍ୟମ କରାଯିବାକୁ ଜିଲା ପ୍ରଶାସନର ସହଯୋଗ କାମନା କରିଥିଲେ । ଜିଲାରେ କୁଟରାଶିଳ୍ପ ଓ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରାଥମିକତା ଦିଆଯିବ ବୋଲି ଜିଲାପାଳ କହିଥିଲେ । ଏନେଇ ସରକାରଙ୍କୁ ପ୍ରସ୍ତାବ ମଧ୍ୟ ଦିଆଯିବ ବୋଲି କହିଥିଲେ । ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୁତାର, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଉପଜିଲାପାଳ ଭାସ୍କର ରଇତୋ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁ , ଜଳ ବିଭାଜକା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ ନାୟକ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଓ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ ।

# ବିଭିନ୍ନ ଦାବି ନେଇ ଆଶାକର୍ମୀଙ୍କ ଶୋଭାଯାତ୍ରା

ପାପଡାହାଣ୍ଡି/ନବରଙ୍ଗପୁର, ୨୬।୧୦ (ଡି.ଏନ.ଏ/ବି.ପ୍ର)




ପାପଡାହାଣ୍ଡିରେ ଆଶାକର୍ମୀଙ୍କ ବାହାରିଥିବା ଶୋଭାଯାତ୍ରା ।



ନବରଙ୍ଗପୁର ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି ।

୯ ଦଫା ଦାବି ନେଇ ଶନିବାର ନବରଙ୍ଗପୁର ଜିଲା ପାପଡାହାଣ୍ଡି ଠାରେ ଓଡିଶା ରାଜ୍ୟ ଆଶାକର୍ମୀ ସଂଘ ପାପଡାହାଣ୍ଡି ବ୍ଲକ ତରଫରୁ ଏକ ଶୋଭାଯାତ୍ରା କରାଯାଇଥିଲା । ବିଶାଳ ରାଲିରେ ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରରୁ ଆଶା କର୍ମୀ ବାହାରି ସହର ପରିକ୍ରମା କରିଥିଲେ । ଆଶା ଓ ଆଶା ସାଥିଙ୍କୁ ସରକାରୀ ମାନ୍ୟତା ପ୍ରଦାନ, ମାସିକ ୧୮ ହଜାର ଟଙ୍କା ଓ ଆଶା ସାଥୀଙ୍କୁ ୨୪ ହଜାର ଟଙ୍କା ଦରମା, ଦୁର୍ଘଟଣା ଜନିତ ମୃତ୍ୟୁକାଳୀନ ସହାୟତା, ଆଶା ସାଥିଙ୍କୁ ଡ୍ରେସ କୋଡ଼ ପ୍ରଦାନ, ବେସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସବ କରାଇଲେ ସମସ୍ତ ଖର୍ଚ୍ଚ ଦେବାକୁ ସ୍ଲୋଗାନ ଦେଇଥିଲେ । ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିଥିଲେ । ମଞ୍ଜୁଳା ରାୟ, ବ୍ଲକ ସଭାନେତ୍ରୀ ଲତା ଭତରା, ଉପସଭାପତି ପୂର୍ଣ୍ଣବାସି ବେପାରୀ, ସହ ସମ୍ପାଦିକା ଅନିତା ଭତରା, ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଶୁକ୍ରବାର ଓଡିଶା ରାଜ୍ୟ ଆଶାକର୍ମୀ ସଂଘ ନବରଙ୍ଗପୁର ବ୍ଲକ ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ଲଳିତ ମଣ୍ଡଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା । ଦାବିପତ୍ର ପ୍ରଦାନ ସମୟରେ ଭାରତୀୟ ମଜଦୂର ସଂଘର ସମ୍ପାଦକ ପରମେଶ୍ୱର ବିଷୋୟୀ, ଆଶା କର୍ମୀ ସଂଘର ସଭାନେତ୍ରୀ ଜିଲା ସମ୍ପାଦିକା ସବିତା ପଣ୍ଡା, ବ୍ଲକ ସଭାନେତ୍ରୀ ଜୋସ୍ନାରାଣି ମାଝୀ, ଉପସଭାନେତ୍ରୀ ଟଭାମଣି ଭତ୍ରା, ମହନା ରନ୍ଧାରୀ, ସମ୍ପାଦିକା ସୁମିତା ହରିଜନ ପ୍ରମୂଖ ଉପସ୍ଥିତ ଥିଲେ।




## ରାସ୍ତାରେ ଆବର୍ଜନା ପାଣି



ରାସ୍ତାରେ ପ୍ରବାହିତ ହେଉଥିବା ଆବର୍ଜନା ପାଣି।

ଚନ୍ଦାହାଣ୍ଡି,୨୬।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମୋହରା ପଞ୍ଚାୟତ ପୂଜାରୀଗୁଡ଼ା ଗ୍ରାମରେ ରାସ୍ତାପାର୍ଶ୍ୱ ଡ୍ରେନ୍‌ଗୁଡିକ ପୋତି ହୋଇଯିବା ଫଳରେ ବର୍ଷସାରା ଆବର୍ଜନା ପାଣି ରାସ୍ତାରେ ଭାସୁଛି। ସାମାନ୍ୟ ବର୍ଷା ହେଲେ ଲୋକଙ୍କ ଘରେ ଆବର୍ଜନା ପାଣି ପଶୁଥିବାର ଦେଖିବାକୁ ମିଳୁଛି। ଗାଁ ତଳମୁଣ୍ଡରେ ଚାଷଜମିକୁ କେନାଲ ପାଣି ରାସ୍ତା ଉପରେ ଯାଉଥିବାରୁ ଜନସାଧାରଣ ନାହିଁ ନ ଥିବାର ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ଦୀର୍ଘ ବର୍ଷ ହେଲା ରହିଥିବା ବେଳେ ପ୍ରଶାସନ କିମ୍ବା ପଞ୍ଚାୟତ ପକ୍ଷରୁ ଡ୍ରେନ୍ ସଫା କରିବା ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ସୂଚନାଯୋଗ୍ୟ ଯେ, ଚନ୍ଦାହାଣ୍ଡିଠାରୁ ପୂଜାରୀଗୁଡା ଦେଇ ସାଲେଭଟ୍ଟା ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ପାଞ୍ଚବର୍ଷ ତଳେ ରାସ୍ତା କାମ କରାଯାଇଥିଲା। ପୂଜାରୀଗୁଡା ଗ୍ରାମ ଭିତରେ କଂକ୍ରିଟ ରାସ୍ତା କରାଯାଇଥିଲା। ଗୃହର ଆବର୍ଜନା ପାଣି ନିଷ୍କାସନ ପାଇଁ ଦୁଇ ପାର୍ଶ୍ୱରେ ଡ୍ରେନ୍ କରିବା ପାଇଁ ଗ୍ରାମବାସୀ କହିବା ସତ୍ତ୍ୱେ ମଧ୍ୟ ଡ୍ରେନ୍ ନିର୍ମାଣ କରାଗଲା ନାହିଁ। ବ୍ଲକ ପକ୍ଷରୁ ନିର୍ମାଣ କରାଯାଇଥିବା ଡ୍ରେନ୍ ଟି ପୋତି ହୋଇ ଯିବା ଫଳରେ ଘରର ବ୍ୟବହୃତ ଆବର୍ଜନା ପାଣି ରାସ୍ତା ଉପରେ ସବୁ ସମୟରେ ଭାସୁଛି। ଏଥିପାଇଁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଉକ୍ତ ରାସ୍ତାଟି ଏବେ ଛତିଶଗଡ ସହ ଯୋଗାଯୋଗ ହୋଇଥିବାରୁ ଦୈନିକ ଶହ ଶହ ଗାଡିମୋଟର ଉକ୍ତ ରାସ୍ତାରେ ଚଳାଚଳ କରୁଛି। ରାସ୍ତାରେ ଆବର୍ଜନା ପାଣି ଚାଲୁଥିବାରୁ ଗାଡିମୋଟର ଦ୍ୱାରା ଛିଟୁକୁଥିବା ପାଣି ପଥଚାରୀଙ୍କ ଉପରେ ପଡୁଛି। ରାସ୍ତାରେ ସିଉଳିଲାଗି ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଛି। ବ୍ଲକ ଏବଂ ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ରାସ୍ତା ଦୁଇ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଡାବୁଗାଁରେ ନୂତନ ବନାଞ୍ଚଳ ଅଧିକାରୀଙ୍କ ଯୋଗଦାନ

ଡାବୁଗାଁ, ୨୬।୧୦ (ଡି.ଏନ.ଏ.)–

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମା ସ୍ଥିତ ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟରେ ନୂତନ ବନାଞ୍ଚଳ ଅଧିକାରୀ ଭାବେ ସେତୁରଞ୍ଜନୀ ଗମାଙ୍ଗ ବୁଧବାର ଯୋଗ ଦେଇଛନ୍ତି। ପୂର୍ବରୁ ଡାବୁଗାଁରେ ନବରଙ୍ଗପୁର ସହକାରୀ ବନ ସଂରକ୍ଷକ ଧନୁର୍ଜୟ ମହାପାତ୍ର ଡାବୁଗାଁ ବନାଞ୍ଚଳ ଅଧିକାରୀ ଦାୟିତ୍ୱରେ ରହିଥିଲେ । ଏହି ଯୋଗଦାନ ସମୟରେ ଡାବୁଗାଁ ବନପାଳ ଲକ୍ଷ୍ମୀକାନ୍ତ ସାହୁ, ଜଟାବାଲ ବନପାଳ ରାମଚନ୍ଦ୍ର ଜାନୀ, ମଇଦଲପୁର ବନପାଳ ଉମାକାନ୍ତ ପଟ୍ଟନାୟକ ଓ ସମସ୍ତ ବନ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ୪ ଦିନ ହେଲା ପାନୀୟ ଜଳଯୋଗାଣ ବ୍ୟାହତ

ପାପଡାହାଣ୍ଡି,୨୬।୧୦(ଡି.ଏନ.ଏ) –

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସଦର ମହକୁମାର ନୂଆସାହିରେ ଗତ ୪ ଦିନ ହେଲା ପାନୀୟ ଜଳ ସମସ୍ୟା ଦେଖାଦେଇଛି । ପାଇପ ଯୋଗେ ସାହିରେ ପାଣି ଆସୁନଥିବାରୁ ସାହି ବାସିନ୍ଦା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଆବଶ୍ୟକ ନଳକୂପ ନଥିବାରୁ ଅନ୍ୟ ସାହି ଉପରେ ପାଣି ପାଇଁ ଯିବାକୁ ପଡୁଛି । ହାଣ୍ଡିଏ ପାଣି ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରି ନିରାଶ ହେବାକୁ ପଡୁଛି । ଏ ନେଇ କାହାକୁ ଜଣାଇଲେ ବି କେହି ଶୁଣୁନଥିବାରୁ ସାହିର ମହିଳା ମାନେ ଏନେଇ ଆରଡବ୍ଲୁଏସଏସ ଯନ୍ତ୍ରୀଙ୍କ ମାଧ୍ୟମରେ ବିଡ଼ିଓଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଶୀଘ୍ର ପାନୀୟ ଜଳ ସମସ୍ୟାର ଶୀଘ୍ର ସମାଧାନ ଲାଗି ଦାବି କରିଛନ୍ତି।



ମହିଳାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି ।

# ଡାବୁଗାଁ ବିଧାୟକଙ୍କ ସପକ୍ଷରେ ମାନିଗାଁ ପଞ୍ଚାୟତବାସୀ

ନବରଙ୍ଗପୁର,୨୬।୧୦(ବି.ପ୍ର.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମାନିଗାଁ ସେବାଶ୍ରମରେ ମଧ୍ୟାହ୍ନ ଭୋଜନ ପରିଚାଳନାରେ ଅନିୟମିତତା ଓ କମ ଖାଦ୍ୟ ରୋଷେଇ କରି ଅଧିକ ପିଲାକୁ ଅଧାପେଟ ଖାଇବାକୁ ଦିଆଯାଉଥିବା ଭଳି ଅଭିଯୋଗ ରହିଥିଲା । ଏନେଇ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଉକ୍ତ ସେବାଶ୍ରମକୁ ପରିଦର୍ଶନରେ ଯାଇଥିଲେ। ମଧ୍ୟାହ୍ନ ଭୋଜନରେ କଣ ରୋଷେଇ ହୋଇଛି। ସେହିଦିନ ମେନ୍ୟୁ କଣ ରହିଥିଲା ତାହା ପଚାରିଥିଲେ। ଭାତ, ଡାଲି ଓ ତରକାରୀ ପରିବର୍ତ୍ତେ ସେଦିନ କେବଳ ଭାତ ଓ ଡାଲି ରୋଷେଇ ହୋଇଥିଲା । ଏହା ମଧ ପିଲାଙ୍କ ଉପସ୍ଥାପନ ଅନୁଯାୟୀ କମ ରୋଷେଇ ହୋଇଥିବା ବିଧାୟକ ଜାଣିବାକୁ ପାଇଥିଲେ । ଏ ନେଇ ଜିଲାପରିଷଦ ବୈଠକରେ ବିଧାୟକ ଅଭିଯୋଗ କରିବା ପରେ ପ୍ରଧାନ ଶିକ୍ଷୟିତ୍ରୀ ଓ ସହାୟକ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଥିଲା । ବିଧାୟକଙ୍କ ଏଭଳି କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିବା ସହ ନିଲମ୍ବିତ ଶିକ୍ଷକଙ୍କୁ ସୁରକ୍ଷା ଦେବା ପାଇଁ କଂଗ୍ରେସ ଉଦ୍ୟମ କରୁଛି ବୋଲି ଅଭିଯୋଗ କରିଛନ୍ତି। ଗରିବ ଓ ଅନୁସୂଚିତ ଜାତି ଓ ଜନଜାତି ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଶିକ୍ଷା ପ୍ରତି ଦୃଷ୍ଟି ଦେବା ସମସ୍ତଙ୍କ କର୍ତ୍ତବ୍ୟ । ନିୟମିତ ବ୍ୟବଧାନରେ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ(ବିଡବ୍ଲୁଇଓ) ଆଶ୍ରମ ବିଦ୍ୟାଳୟ ଗୁଡିକ କିଭଳି ପରିଚାଳନା ହେଉଛି। ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସରକାର ଯୋଗାଉଥିବା ଅନୁଦାନ ଓ ଖାଦ୍ୟ ପେୟ କିଭଳି ପରିଚାଳନା ହେଉଛି ତାହା ଅନୁଧ୍ୟାନ କରିବା ନିୟମ ରହିଛି। ଆଶ୍ରମ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ପରିଚାଳନା କିଭଳି ହେଉଛି ତାହା ଶିକ୍ଷକ ଓ ବିଡବ୍ଲୁଇଓ ଅନୁଧ୍ୟାନ ନକରିବା ଲାଗି ଏଭଳି ସ୍ଥିତି ଦେଖା ଦେଇଛି। ସେଥିପାଇଁ ବିଡବ୍ଲୁଇଓ ମଧ ସମପରିମାଣରେ ଦାୟୀ କାହିଁକି କରାଯିବ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଏକ ପ୍ରତିନିଧି ଦଳ ଜିଲାପାଳ ଅଜିତ କୁମାର ମିଶ୍ରଙ୍କୁ ଭେଟିବା ପାଇଁ ଆସିଥିଲେ। କଂଗ୍ରେସ ଦେଉଥିବା ସୁରକ୍ଷା ବିରୋଧରେ ଓ ବିଧାୟକଙ୍କ ଅଭିଯୋଗକୁ ସମର୍ଥନ କରି ଶତାଧିକ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିବେ ବୋଲି ଜଣାଇଛନ୍ତି। ପାପଡାଡାଣ୍ଡି ବ୍ଲକ ଅଧକ୍ଷା ସେବତି ସାନ୍ତା, ମାନିଗାଁ ସରପଞ୍ଚ ସମେତ ଶତାଧିକ ଲୋକ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗ ପତ୍ର ନେଇ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟିବାକୁ ଆସି ଏହି ଅଭିଯୋଗ କରିଛନ୍ତି।

### ଦୁଇ ଶିକ୍ଷକ ନିଲମ୍ବନ ଘଟଣା



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

# ଚନ୍ଦାହାଣ୍ଡିରେ ବ୍ଲକସ୍ତରୀୟ ସୁରଭି

ଚନ୍ଦାହାଣ୍ଡି,୨୬।୧୦ (ଡି.ଏନ.ଏ.)

ଚନ୍ଦାହାଣ୍ଡି ବ୍ଲକ କଲୋନୀ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ଟି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏବିଇଓ ଦୃତିବାହାନ ଖମାରୀ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବ୍ଲକ ଅଧକ୍ଷ ଟିକମ ସିଂ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଉଦଯାପନୀ ସଭାରେ ବିଇଓ ଭଜନଲାଲ ମାଝି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ଟିକମ ସିଂନାୟକ, ମୁଖ୍ୟବକ୍ତା ତହସିଲଦାର ହୃଦାନନ୍ଦ ସିଂମାଝି, ସମ୍ମାନିତଅତିଥି ସାମାଜିକ କର୍ମୀ ପ୍ରମୋଦ କୁମାର ପାଢୀ, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ଏବିଇଓ ପ୍ରେମଚାନ୍ଦ ସିଂ ଧ୍ରୁରୁଆ, ପ୍ରଧାନଶିକ୍ଷକ ପୁରୁଷୋତ୍ତମ ପାରୀ, ଏବିଇଓ ରତ୍ନାକର ନାୟକ, ବ୍ଲକ ଶିକ୍ଷକ ସଂଘ ସଭାପତି ପଦ୍ମଲୋଚନ ସାହୁ, ସରପଞ୍ଚ ହର ପୂଜାରୀ, ଲଛମନ ମାଝି, ସମିତିସଭ୍ୟ ନିଳମଣି ଗୌଡ, ସନ୍ଧ୍ୟାରାଣୀ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସୁରଭିର ମହତ ଉଦ୍ଦେଶ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଦଳଗତ ନୃତ୍ୟରେ ମାଲଗାଁ ଆଶ୍ରମ ବିଦ୍ୟାଳୟ ପ୍ରଥମ, ଜୁନାପାଣି ଆଶ୍ରମ ବିଦ୍ୟାଳୟ ଦ୍ୱିତୀୟ, ଚନ୍ଦାହାଣ୍ଡି ମଧ ଇଂରାଜୀ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲା । ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ପ୍ରତ୍ୟେକ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ପ୍ରତିଯୋଗୀ ଆସନ୍ତା ୬ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ସୁରଭିରେ ଭାଗ ନେବେ । ସିଆରସିସି ବଳଭଦ୍ର ବିଶୋଇ, ବୃନ୍ଦାବନ ସାହୁ, ପର୍ଶୁରାମ ସୁନାନି, ପ୍ରେମଚାନ୍ଦ ବିଶୋଇ, ଅଭିରାମ ବଗର୍ତ୍ତି, ହୃଷିକେଶ ସୁନାନି, ଜଗଦିଶ ଗୌଡ, ପ୍ରସନ୍ନ ନାୟକ, ତରୁଣ ପୁଜାରୀ, ସନ୍ତୋଷ କୁମାର ଖମାରୀ, ଏମ ବିଘ୍ନେଶ୍ୱର ଆଚାରୀ, ରେଣୁଧର ପୁଜାରୀ ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ସୁରେନ୍ଦ୍ର ନାଥ ପାଢି, ଗିମିଚନ ଚୌହ୍ୱାନ, ପ୍ରଦୀପ ପାଢି, ମାନସ ରଞ୍ଜନ ମଲ୍ଲିକ, ଅଶାନ୍ତ ପଟେଲ, ଅପରାଜିତା ମହାନ୍ତି, ରଶ୍ମିତା ସୁନାନି, ସୁଷମା ଦାଶ, ବିଦ୍ୟୁତପ୍ରଭା କରିମ, କବିତା ମାଝି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

PRAGATI KORAPUT 25 Years
KARMA
ପବିତ୍ର ଦୀପାବଳିରେ ଘରକୁ ସୌରଶକ୍ତିରେ ଆଲୋକିତ କରି ଜଳବାୟୁ ପରିବର୍ତ୍ତନ ଜନୀତ ସମସ୍ୟାରେ ଆପଣଙ୍କ ଭାଗିଦାରିତାକୁ ସୁନିଶ୍ଚିତ କରାନ୍ତୁ ।
(ପ୍ରଗତି. କୋରାପୁଟ ଓ କର୍ମା. ଭୁବନେଶ୍ୱରଙ୍କ ମିଳିତ ଉଦ୍ୟମରେ ପ୍ରସ୍ତୁତ ସୁଲଭ ମୂଲ୍ୟ ସୌରଶକ୍ତି)
✔ ବିନା ବିଦ୍ୟୁତ୍ ସଂଯୋଗରେ ୨୪x୭ ଘଣ୍ଟା ସୋଲାର ଆଲୁଅ ପାଇପାରିବେ ।
✔ ବାର୍ଷିକ ପ୍ରାୟ ୦.୫ ଟନ୍ ଅଙ୍ଗାରକାମ୍ଳ କମେଇବାରେ ସାହାଯ୍ୟ କରିବେ ।
✔ ଆପଣଙ୍କ ମାସିକ ବିଦ୍ୟୁତ ଶୁଳ୍କ ଅତିକମ୍‌ରେ ୨୫୦/- ଟଙ୍କା ସୌରଶକ୍ତିରୁ ସଞ୍ଚୟ କରନ୍ତୁ
✔ ଆଲୋକର ପର୍ବ ଦୀପାବଳି ସୌରଶକ୍ତିରେ ଆଲୋକିତ କରି ଜଳବାୟୁ ସମସ୍ୟାରେ ସହଯୋଗ କରନ୍ତୁ ।


ଯୋଗାଯୋଗ - ପ୍ରଗତି, କୋରାପୁଟ, ପୂଜାରୀପୁଟ-୭୬୪୦୨୦
୦୬୮୫୨-୨୫୦୨୪୧, ୯୭୭୮୪୪୫୩୦୩, ୮୧୧୪୩୮୭୭୨୭, ୬୩୭୧୬୨୧୫୮୩, ୯୪୩୭୮୭୧୫୭୪

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ରବିବାର, ଅକ୍ଟୋବର ୨୭/୨୦୧୯ Rayagada, Sunday, October. 27 / 2019

## ସଂକ୍ଷେପରେ

### ଏଡିଏଭିବିଦ୍ୟାଳୟରେ ଅଭିଭାବକ ବୈଠକ

ସୁନାବେଡ଼ା,୨୬।୧୦(ଡି.ଏନ୍.ଏ.): ହାଲ୍ ସହରାଞ୍ଚଳ ସ୍ଥିତ ଏଡିଏଭି ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ଅଶୋକ କୁମାର ପୃଷ୍ଟିଙ୍କ ଅଧକ୍ଷତାରେ ଅଭିଭାବକଙ୍କ ବୈଠକ ଅନୁଷ୍ଠିତ ହୋଇଛି। ଶିକ୍ଷକ ଅଭିଭାବକ ଓ ବିଦ୍ୟାର୍ଥୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିଲେ ନିଶ୍ଚିତ ଭାବେ ବିଦ୍ୟାର୍ଥୀଙ୍କ ପାଠପଢ଼ାରେ ଉନ୍ନତି ଆସିପାରିବ ବୋଲି ମତ ପ୍ରକାଶ ପାଇଥିଲା। ବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କୁ ଶିକ୍ଷୟିତ୍ରୀ ଶିକ୍ଷକ ପାଠପଢ଼ାରେ କିପରି ମନୋନିଯୋଗ କରିପାରିବେ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। ଘରେ ପିଲାମାନେ ପାଠପଢ଼ାରେ ମନ ଦେବା ପାଇଁ ଅଭିଭାବକ ମଧ ଗୁରୁତ୍ୱ ଦେବା ପାଇଁ କୁହାଯାଇଥିଲା।

### ଭାଇରାଲ ହେଉଛି ବିଧାୟକଙ୍କ ଗୀତ

ଜୟପୁର,୨୬।୧୦(ନି.ପ୍ର.): ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଗୀତ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପୂର୍ବରୁ ବାହିନୀପତି ନିଜ ନିର୍ବାଚନମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମର ମଞ୍ଚରେ ଲୋକଙ୍କ ସହ କେତେବେଳେ ଆଦିବାସୀ ନୃତ୍ୟରେ ନାଚିଛନ୍ତି ତ କେତେବେଳେ ଅର୍କେଷ୍ଟ୍ରାର ସୁରର ଡ୍ୟାନ୍ସ କରିଛନ୍ତି। କିନ୍ତୁ ଏବେ ତାଙ୍କ ସ୍ୱରରେ ଗୋଟିଏ ପୁରୁଣା ଫିଲ୍ମର ବହୁ ଲୋକପ୍ରିୟ ଗୀତକୁ ସୋସିଆଲ ମିଡିଆରେ ଭିଉଜ, ଲାଇକ୍ ଓ ଶେୟାର ବଢ଼ିବାରେ ଲାଗିଛି। 'ମୋ' ପ୍ରିୟାଠାରୁ କିଏ ଅଧିକ ସୁନ୍ଦର' ଭଳି ଲୋକପ୍ରିୟ ଗୀତ ଜାଗାରେ ସେ ନିଜ ସହଧର୍ମିଣୀଙ୍କୁ ସମ୍ବୋଧନ କରି 'ମୋ ପ୍ରିୟା ମିନିଠାରୁ କିଏ ଅଧିକ ସୁନ୍ଦର' ଗାଇଥିବା ୪୩ ସେକେଣ୍ଡର ଭିଡିଓ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ଖୋରାକ ଯୋଗାଇଛି। ଉଲ୍ଲେଖଯୋଗ୍ୟ, ସେ ଗାଇଥିବା ଗୀତରେ ମିନି ହେଉଛନ୍ତି କୋରାପୁଟ ଜିଲା କଂଗ୍ରେସର ପୂର୍ବତନ ସଭାନେତ୍ରୀ ମିନାକ୍ଷୀ ବାହାନିପତି।

# ବିନା ମଞ୍ଚରେ ହେଲା 'ସୁରଭି'



ମଞ୍ଚ ନ ଥାଇ ଶ୍ରେଣୀଗୃହ ବାହାରେ ଆୟୋଜିତ ହୋଇଛି ସୁରଭି କାର୍ଯ୍ୟକ୍ରମ।

ବୈପାରୀଗୁଡ଼ା, ୨୬।୧୦(ଡି.ଏନ୍.ଏ.)

ବୈପାରୀଗୁଡ଼ା ହାଇସ୍କୁଲରେ ଗୁରୁବାର ବ୍ଲକସ୍ତରୀୟ ସୁରଭି ଆୟୋଜିତ ହୋଇଛି। ସବୁଆଡୁ ଆସିଥିବା ଶିଶୁ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମଞ୍ଚଟିଏ ଆଶା କରିଥିଲେ ମଧ ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି। ହାଇସ୍କୁଲର ଏକ ଆବଦ୍ଧ କୋଠରି ଓ ସଂକୀର୍ଣ୍ଣ ଅଗଣାରେ ଏସବୁ କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରୀଛାତ୍ର ଓ ଶିକ୍ଷକ ଠିଆ ହେବାକୁ ମଧ ସ୍ଥାନ ଅଭାବ ହୋଇଥିଲା। ଗୋଟିଏ ମାଇକ୍ ଫନେଲକୁ ଅଦଳ ବଦଳ କରି ଡାଇଲଗ କହୁଥିଲେ ପିଲା। ୧୦ ମିନିଟ୍ ବଦଳରେ କଳାକାରଙ୍କୁ ୫ ମିନିଟ୍‌ରେ ଅଭିନୟ ସାରିବାକୁ କୁହାଯାଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଉପସ୍ଥିତିରେ ଜଣେ ଶିକ୍ଷକ ବିଷୋଦ୍‌ଗାର କରି ମଞ୍ଚ ଛାଡ଼ି ଚାଲିଯାଇଥିଲେ। ଉଦ୍‌ଯାପନୀ ବୈଠକ ମଧ ଶ୍ରେଣୀଗୃହର ସୀମିତ ଅତିଥିଙ୍କୁ ନେଇ କରାଯାଇଥିଲା। ଅତିଥି ଥିବା ବ୍ଲକ ଉପାଧ୍ୟକ୍ଷ ତ୍ରିଲୋଚନ ଜେନା ଏପରି ଅବ୍ୟବସ୍ଥା ନେଇ ଦୁଃଖ ପ୍ରକାଶ କରିବା ସହ ଯଦି ନିଅଣ୍ଟିଆ ବଜେଟ୍ ଥିଲା, ସହାୟତା ମାଗିଥିଲେ ସେ ବ୍ୟକ୍ତିଗତ ଭାବେ ସହାୟତା କରିଥାନ୍ତେ ବୋଲି କହିଥିଲେ। ବଜେଟ୍ କେତେ ଥିଲା, ତାହା ବ୍ଲକ ଶିକ୍ଷାଧିକାରୀ ସ୍ପଷ୍ଟ କରି ନ ଥିବାବେଳେ ବର୍ଷା ଯୋଗୁ ପରିଚାଳନାରେ ସମସ୍ୟା ହୋଇଥିବା ସଫେଇ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଶିକ୍ଷାଧିକାରୀ ସୁଧୀର ଚନ୍ଦ୍ର ରଥ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କନକ ମଞ୍ଜରୀ ଭଦ୍ରା, ଶିକ୍ଷକ ସଂଘ ସଭାପତି ଶରତ ଚନ୍ଦ୍ର ରାଉତ ଉପସ୍ଥିତ ଥିଲେ।

# 'ଶୁଭ ସକାଳ' ପତ୍ରିକା ଉନ୍ମୋଚିତ

ପାରଳାଖେମୁଣ୍ଡି,୨୬।୧୦(ସ୍ୱ.ପ୍ର.)

ସହରସ୍ଥିତ ଭାଗିରଥି ପାଢୀ ସ୍ମୃତି କଳା ପରିଷଦ ଆନୁକୁଲ୍ୟରେ ଶନିବାର ଓଡ଼ିଆ ସାମୟିକ ପତ୍ରିକା ''ଶୁଭ ସକାଳ'' ଉନ୍ମୋଚିତ ହୋଇଛି। ଭକ୍ତି ସଙ୍ଗୀତ ସଂସଦରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଭାଗବତ ପାଢୀ ସଭାପତିତ୍ୱ କରିଥିଲେ। ଲେଖିକା ଆଶାଲତା ପାଣିଗ୍ରାହୀ ଓ ଶିକ୍ଷାବିତ୍ ବିଚିତ୍ରାନନ୍ଦ ବେବର୍ତ୍ତା ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ 'ଶୁଭ ସକାଳ' ସମ୍ପାଦକ ବାବାଜୀ ଚରଣ ବେହେରା, ସହସମ୍ପାଦକ ରାଜେନ୍ଦ୍ର ରଥ, କୋଷାଧ୍ୟକ୍ଷ ଆଶିଷ ରାଜୁ, ଭକ୍ତି ସଙ୍ଗୀତ ସଂସଦର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ରଥଙ୍କ ସମେତି ଡାକ୍ତର ମୁର୍ମୁ, ବବିତା ପୁରୋହିତ, ନିତ୍ୟାନନ୍ଦ ଚୌଧୁରୀ, ସଚ୍ଚିଦାନନ୍ଦ ସାମଲ ଉପସ୍ଥିତ ଥିଲେ। ଶେଷରେ ତ୍ରିପତି ପ୍ରସାଦ ପଣ୍ଡା ଧନ୍ୟବାଦ ଦେଇଥିଲେ।



ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି ।

## ଶେଷଦିନରେ ଭଲ ହେଲା ବାଣ ବେପାର

ପାରଳାଖେମୁଣ୍ଡି,୨୬।୧୦(ସ୍ୱ.ପ୍ର.)

ଲଘୁଚାପ ବର୍ଷା ଯୋଗୁ ପରେ ଶନିବାର ପାଗ ଅନୁକୂଳ ରହିଥିବାରୁ ବାଣ ବ୍ୟବସାୟ ଯୋର୍ ଧରିଥିଲା। ବର୍ଷା ଯୋଗୁ ବ୍ୟବସାୟୀମାନେ ଗଚ୍ଛିତ ରଖିଥିବା ବାଣର ବିକ୍ରିକୁ ନେଇ ଆଶଙ୍କାରେ ରହିଥିଲେ। ହେଲେ ବର୍ଷା କମିବାରୁ ଶନିବାର ଶେଷ ଦିନରେ ସକାଳୁ ବ୍ୟବସାୟୀମାନେ ବାଣ ଦୋକାନ ଖୋଲି ଦେଇଥିବା ବେଳେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ପାରଳାଖେମୁଣ୍ଡି ଗୁଣ୍ଡିଚାବାଡ଼ି ପଡ଼ିଆରେ ଦୀପାବଳି ପାଇଁ ଏହି ଅସ୍ଥାୟୀ ବାଣ ଦୋକାନ ଗୁଡ଼ିକ ଖୋଲିଥିବାବେଳେ ଭଲ ବ୍ୟବସାୟ ହୋଇଥିବା କେତେକ ବ୍ୟବସାୟୀ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଚଳିତ ବର୍ଷ ଏହି ସ୍ଥାନରେ ଅସ୍ଥାୟୀ ବାଣ ଦୋକାନ ପାଇଁ ପ୍ରଶାସନ ପକ୍ଷରୁ ପ୍ରାୟ ୮୦ ବ୍ୟବସାୟୀଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଥିବାବେଳେ ସହର ତମାମ ମୋଟ ୧୪୦ ବ୍ୟବସାୟୀ ବାଣ ବିକ୍ରି କରୁଥିବା ଜଣାପଡ଼ିଛି।

## ଧନ୍ୱନ୍ତରୀ ଜୟନ୍ତୀ

କାଶୀନଗର,୨୬।୧୦(ଡି.ଏନ୍.ଏ.):

ସ୍ୱାସ୍ଥ୍ୟ ବିଳାସ ଫର୍ମାସୀ ପରିସରରେ ଶନିବାର ଭଗବାନ ଧନ୍ୱନ୍ତରୀଙ୍କ ଜୟନ୍ତୀ ପାଳିତ ହୋଇଛି। ଅବସରପ୍ରାପ୍ତ ପ୍ରଶାସକ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଏଡିଏମ୍ ଭି. ଲୋକନାଥ ରାଜୁ, ସମ୍ମାନିତ ଅତିଥି ଭାବେ ଗୁରୁ ଗୌରବ ଗୌର ଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ଡା. କାହ୍ନୁ ଚରଣ ପାଢ଼ୀ ଆୟୁର୍ବେଦ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ ବିଳାସ ଫର୍ମାସୀର ପରିଚାଳକ କବିରାଜ ରାମନାଥ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କବିରାଜମାନଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଡା. ରାମ ପାତ୍ର ଧନ୍ୟବାଦ ଦେଇଥିଲେ।




## ଦୁର୍ନୀତି ନିବାରଣ ସଚେତନତା

ସୁନାବେଡ଼ା,୨୬।୧୦(ଡି.ଏନ୍.ଏ.)

ସୁନାବେଡ଼ା ସ୍ଥିତ ଯୁକ୍ତତିନି ମହିଳା ମହାବିଦ୍ୟାଳୟରେ ଅଧକ୍ଷା ଉଷାରାଣୀ ଦାସଙ୍କ ଅଧକ୍ଷତାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଥିବା ହାଲ୍ ସୁନାବେଡ଼ା ଦୁର୍ନୀତି ବିଭାଗର ମୁଖ୍ୟ ଉଦୟ ରାଉତ ଯୋଗଦେଇ ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟି କରିବା ପାଇଁ ଛାତ୍ରୀମାନଙ୍କୁ ତାଙ୍କର ଏଥିପ୍ରତି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭିଏସ୍ ବିଦ୍ୟାଳୟର ସମ୍ପାଦକ ତନବୀର ଆଲାମ, ଏଡିଏଭି ବିଦ୍ୟାଳୟର ସମ୍ପାଦକ ପି. ନଟରାଜ ଯୋଗ ଦେଇଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ଓ ବିଭିନ୍ନ ଚିତ୍ରାଙ୍କନ ପ୍ରତିଯୋଗିତ ଅନୁଷ୍ଠିତ ହୋଇଥିଲା।



ସୁନାବେଡ଼ା ମହିଳା ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ସଭାରେ ମଞ୍ଚାସୀନ ଅତିଥିମାନେ।

## ପ୍ରଦୂଷଣମୁକ୍ତ ଦୀପାବଳି ପାଇଁ ଆହ୍ୱାନ

ପାରଳାଖେମୁଣ୍ଡି,୨୬।୧୦ (ସ୍ୱ.ପ୍ର.)

ପ୍ରଦୂଷଣ ମୁକ୍ତ ଦୀପାବଳି ପାଳିବାପାଇଁ ପରିବେଶ କର୍ମୀଙ୍କ ପକ୍ଷରୁ ତ୍ରିପତି ପ୍ରସାଦ ପଣ୍ଡା ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ଦୀପାବଳି ଏକ ଆନନ୍ଦ, ଶ୍ରଦ୍ଧା ଓ ଆଲୋକର ପର୍ବ। ତେଣୁ ଆତସବାଜି ନ ଫୁଟାଇ ପ୍ରଦୂଷଣ ମୁକ୍ତ ଦୀପାବଳି ପାଳନ ପାଇଁ ପ୍ରକୃତି ପ୍ରେମୀମାନେ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି। ପ୍ରାଚୀନ ପରମ୍ପରାକୁ ସମ୍ମାନ ଦେଇ ଜାତି, ଧର୍ମ, ବର୍ଣ୍ଣ, ଭାଷା, ପ୍ରାନ୍ତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଏହି ପର୍ବକୁ ପାଳନ କରିବାପାଇଁ ସଚେତନ କରାଯାଇଛି ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସାଧୁ ଅନ୍ୟଙ୍କୁ ଦୁଃଖରୁ ରକ୍ଷା କରିବାକୁ ଯାଇ କଷ୍ଟ ସହିଥାନ୍ତି,
ମାତ୍ର ଦୁଷ୍ଟ ଲୋକ ଅନ୍ୟକୁ ଦୁଃଖ ଦେଇ ସୁଖ ପାଏ।
- ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ବାଇକ୍ ସିଟ୍ ତଳେ ଗଞ୍ଜେଇ ଚାଲାଣ, ୨ ଗିରଫ



ବୈପାରୀଗୁଡ଼ା,୨୬।୧୦(ଡି.ଏନ୍.ଏ.): ବୈପାରୀଗୁଡ଼ା ପୋଲିସ ଶନିବାର ଗଞ୍ଜେଇ ଚୋରା ମାମଲାରେ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଥାନା ଅଧିକାରୀ ମହେନ୍ଦ୍ର କୁମାର ସାହୁଙ୍କ ସୂଚନା ଅନୁସାରେ ଶନିବାର ପୂର୍ବାହ୍ନ ୧୧ଟାରେ ଥାନାଠାରୁ ମାତ୍ର ଅଧ କିମି ଦୂର ବାତ୍ରିପୁଟ ଛକରେ ମାଲକାନଗିରି ପଟୁ ଆସୁଥିବା ୨ ବାଇକ ଆରୋହୀଙ୍କୁ ଅଟକାଇ ତଲାସି ନିଆଯାଇଥିଲା। ବାଇକ୍ ସିଟ୍ ତଳେ ଓ ଡିକିରୁ ୯ କିଲୋ ୭ ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ବାଇକ୍ ଓ ମୋବାଇଲ୍ ଜବତ ସହ ମାମଲା ରୁଜୁକରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଅଭିଯୁକ୍ତମାନେ ହେଲେ ଈଶ୍ୱର ସଲମା ଓ ଗୌର ସଲମା। ସେମାନଙ୍କ ଘର ନୂଆପଡ଼ା ଜିଲା ବୋଡ଼େନ ଗ୍ରାମ ବୋଲି ଜଣାପଡ଼ିଛି।

### ନଦୀରୁ ମହିଳାଙ୍କ ମୃତଦେହ ଉଦ୍ଧାର

ପଟ୍ଟାଙ୍ଗି,୨୬।୧୦(ଡି.ଏନ.ଏ): ପଟ୍ଟାଙ୍ଗି ବ୍ଲକ ସମ୍ପାଇ ପଞ୍ଚାୟତ ପି. ଭାଲିଆଗୁଡ଼ା ଗ୍ରାମର ଜଣେ ମହିଳା ନଦୀରେ ଭାସିଯାଇ ନିଖୋଜ ଥିଲେ। ଏହାର ଗୋଟିଏ ଦିନ ପରେ ନିକଟସ୍ଥ ନଦୀରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, କାନାମା କଟାବାଲି ଶୁକ୍ରବାର ଚାଷଜମିରୁ କାମ ସାରି ଘରକୁ ଫେରୁଥିବା ବେଳେ ଭୀଷଣ ବର୍ଷା ହୋଇଥିଲା। ଗାଁ ବାଟରେ ପଡ଼ୁଥିବା ନଦୀ ପାର ହେଉଥିବା ବେଳେ ଜଳସ୍ରୋତରେ ସେ ଭାସିଯାଇଥିବା ଅନୁମାନ କରିଛନ୍ତି ପୂର୍ବତନ ସରପଞ୍ଚ ତ୍ରିନାଥ ପାଙ୍ଗି। ପରିବାର ବର୍ଗ ଅନେକ ଖୋଜାଖୋଜି କରିଥିଲେ ମଧ କିଛି ଖବର ପାଇ ନ ଥିଲେ। ଶନିବାର ସକାଳୁ ପଞ୍ଚାୟତର ୭ ନମ୍ବର ୱାର୍ଡ଼ ସଭ୍ୟ ଲକ୍ଷ୍ମଣ କଟାବାଲି ନିଜ ଜମିକୁ ଯାଉଥିବା ବେଳେ ନଦୀରେ ଜଣେ ମହିଳା ଭାସୁଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ମହିଳାଙ୍କୁ ଉଦ୍ଧାର ପରେ ସେ କାନାମା କଟାବାଲି ବୋଲି ଚିହ୍ନଟ କରାଯାଇଥିଲା। ତାଙ୍କ ଭାଇ ମୁକୁନ୍ଦ କଟାବାଲି ଏତଲା ଦେବା ପରେ ଥାନା ଅଧିକାରୀ ବିଜୟରାଜ ମାଝୀଙ୍କ ଟିମ୍ ମୃତଦେହ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ ୟୁଡି କେସ୍ ନଂ ୧୩/୧୯ରେ ମାମଲା ରୁଜୁ ହୋଇଥିବା ଏଏସ୍ଆଇ ଅନିମେଷ ଚନ୍ଦ୍ର ମାଳି କହିଛନ୍ତି।

### କେସିସି ବ୍ୟାଙ୍କ ସମୀକ୍ଷା ବୈଠକ



ଜୟପୁର୨୬।୧୦(ନି.ପ୍ର./ଡି.ଏନ୍.ଏ.): କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସମ୍ମିଳନୀ କକ୍ଷରେ ବ୍ୟାଙ୍କ ଅଧକ୍ଷା ଇନ୍ଦିରା ନନ୍ଦଙ୍କ ସଭାପତିତ୍ୱରେ ଶାଖା ପରିଚାଳକ ଓ ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକଙ୍କ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବ୍ୟାଙ୍କର ସମ୍ପାଦକ ଅନନ୍ତ ସାମଲ, ଜୟପୁର ସମବାୟ ସମିତି ସମୂହର ଉପନିର୍ଦ୍ଦେଶକ, ବ୍ୟାଙ୍କ ନିର୍ଦ୍ଦେଶକ ରମାକାନ୍ତ ରାଉଳ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମବାୟ ବ୍ୟାଙ୍କର ୨ ଜଣ ନିର୍ଦ୍ଦେଶକ ମହେନ୍ଦ୍ର କୁମାର ନାୟକ, ରଞ୍ଜିତା କାହାଲି ଯୋଗଦେଇ ବ୍ୟାଙ୍କର ୫୫ଟି ଲ୍ୟାମ୍ପସ୍‌କୁ ନୂତନ ଭାବେ ଦିଆଯାଇଥିବା ମାଇକ୍ରୋ ଏଟିଏମର ସମୀକ୍ଷା କରି ଖୁସି ପ୍ରକଟ କରିଥିଲେ। ଉକ୍ତ ବୈଠକରେ ଖରିଫ ଚାଷ ଋଣ ପ୍ରଦାନ କ୍ଷେତ୍ରରେ ୩ଟି ଶାଖାରୁ ପ୍ରଥମ ଭାବେ ବୋରିଗୁମ୍ମା, ଦ୍ୱିତୀୟ ସ୍ଥାନରେ ମାଲକାନଗିରି ଏବଂ ତୃତୀୟ ସ୍ଥାନରେ ସେମିଳିଗୁଡ଼ା ଶାଖାକୁ ପୁରସ୍କୃତ କରାଯାଇଥିଲା।

■ ବହୁ ପୁରୁଣା ଭବନରେ ଶପିଂ ମଲ୍ ଖୋଲିବା ପ୍ରସଙ୍ଗ

# ପ୍ରଶାସନର ଅନୁମତି, ଆପତ୍ତି ଉଠାଇଛି କ୍ରିଟ୍

ଜୟପୁର,୨୬।୧୦(ଡି.ଏନ୍.ଏ.)

ଜୟପୁର ଉପଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଖୋଲିବାକୁ ଥିବା ଏକ ସପିଂ କମ୍ପ୍ଲେକ୍ସକୁ ପ୍ରଶାସନ ଶୁକ୍ରବାର ଅନୁମତି ଦେଇଛି। କିନ୍ତୁ ଯେଉଁ ଭବନଟିରେ ସପିଂ କମ୍ପ୍ଲେକ୍ସ ହେବ, ତାହା ୩୦ ବର୍ଷର ପୁରୁଣା ହୋଇଥିବା ଯୋଗୁ ଏଥିରେ ଆପତ୍ତି ଉଠାଇଛି କୋରାପୁଟ ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ (କ୍ରିଟ୍)। ୫ଟି ବିଷୟର କାଗଜପତ୍ର ଦେବା ପାଇଁ ମଧ ନିର୍ଦ୍ଦେଶ ଦେଇଥିଲା କ୍ରିଟ୍। କିନ୍ତୁ ଗତ ଜୁଲାଇରୁ ଆବେଦନ କରିଥିବା ମଲ୍ କର୍ତ୍ତୃପକ୍ଷ ଏଯାବତ୍ କ୍ରିଟ୍ ନିକଟରେ ଅନୁମତି ପାଇଁ ଆବଶ୍ୟକ କାଗଜପତ୍ର ଦେଇନାହାନ୍ତି।

ଏହି ସପିଂ ମଲ ଗତ ସେପ୍ଟେମ୍ବର ଗଣେଶ ପୂଜା ସମୟରେ ଖୋଲିବା ପାଇଁ ପ୍ରସ୍ତୁତି ସରିଥିଲା। କିନ୍ତୁ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କ୍ରମେ ଏହାର ଅନୁମତି ସ୍ଥଗିତ ରହିଥିଲା। ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ଭବନର ମାଲିକ ଓ ସପିଂ ମଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ ଉପଜିଲାପାଳ। ନିର୍ଦ୍ଧାରିତ ସମୟରେ ତାହା ଦାଖଲ ନ ହେବା ଯୋଗୁ ଅନୁମତି ଆବେଦନ ଖାରଜ ହୋଇଥିଲା। ଉପଜିଲାପାଳ ଗତ ସେପ୍ଟେମ୍ବର ୩୦ରେ ସହରର ବିଭିନ୍ନ ସପିଂ ମଲ ଥିବା ଭବନର ଅନୁମତି ପାଇଁ ଆବଶ୍ୟକ ସୂଚନା କ୍ରିଟ୍‌କୁ ମାଗିଥିଲେ। କିନ୍ତୁ ୨୫ ଦିନରୁ ଅଧିକ ବିତିଯିବା ପରେ ମଧ କ୍ରିଟ୍ ଏହାର ଉତ୍ତର ଦେଇ ନ ଥିଲା। ଏବେ ଉପଖଣ୍ଡ ପ୍ରଶାସନ କ୍ରିଟ୍‌ର ଉତ୍ତରକୁ ଅପେକ୍ଷା ନ କରି ତରବରିଆ ଭାବେ ଅନୁମତି ଦେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସପିଂ ମଲ୍‌ରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଥିବା ନେଇ ଅଗ୍ନିଶମ ବିଭାଗ ଅନୁମତି ଦେଇନାହିଁ। ୩ ମାସ ମଧ୍ୟରେ ତାହା ସମ୍ପୂର୍ଣ୍ଣ କରିବା ପାଇଁ ପ୍ରଶାସନ ସର୍ତ୍ତ ରଖି ଅନୁମତି ଦେବା ମଧ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଏହି ୩ ମାସ ମଧ୍ୟରେ କୌଣସି ଅଘଟଣ ଘଟିଲେ ଏଥିପାଇଁ ଦାୟୀ କିଏ ରହିବ ବୋଲି ପ୍ରଶ୍ନ ଉଠିଛି। ଉପଖଣ୍ଡ ପ୍ରଶାସନ ଅନ୍ୟ କେତୋଟି ସର୍ତ୍ତ ମଧ ରଖିଛି। ୩ ମାସ ମଧ୍ୟରେ ସପିଂ ମଲ ତଳ ମହଲା ଖାଲି କରି ତାହାକୁ ପାର୍କିଂ ପାଇଁ ବ୍ୟବହାର କରିବ। ବର୍ତ୍ତମାନ ପାଇଁ ମଲ୍‌ଠାରୁ ୫୦ ମିଟର ଦୂରରେ ଥିବା କଲ୍ୟାଣ ମଣ୍ଡପରେ ଗାଡ଼ି ପାର୍କିଂ କରାଯିବ। ପୂର୍ବାହ୍ନ ୬ରୁ ରାତି ୧୧ ମଧ୍ୟରେ ଗାଡ଼ିରେ ଜିନିଷ ଲୋଡିଂ, ଅନଲୋଡିଂ କରାଯିବ ନାହିଁ। ଭବନ ଭାଙ୍ଗିବା କିମ୍ବା ଅନ୍ୟ କିଛି ଅଘଟଣ ଘଟିଲେ ତାହାର ମାଲିକ ଓ ମଲ୍ କର୍ତ୍ତୃପକ୍ଷ ଦାୟୀ ରହିବେ। ଏନେଇ ଉପଜିଲାପାଳ ଲୋକନାଥ ଦଳବେହେରାଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ୩ ମାସିଆ ଅସ୍ଥାୟୀ ଅନୁମତି ଦିଆଯାଇଛି। ସେମାନେ ଏହି ସମୟ ଭିତରେ ପ୍ରଶାସନ ସର୍ତ୍ତ ମୁତାବକ ପଦକ୍ଷେପ ନ ନେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।



**ଲମତାପୁଟରେ ସୁରଭି:** ମାଳିପୁଟ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ରେ ଅନ୍ୟ ଅତିଥିଙ୍କ ଗହଣରେ ମୁଖ୍ୟ ଅତିଥି କୋରାପୁଟ ବିଧାୟକ ରଘୁରାମ ପଡ଼ାଲ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

## ଶିକ୍ଷକଙ୍କ ୮ ମାସର ଦରମା ବନ୍ଦ

ସେମିଳିଗୁଡ଼ା,୨୬।୧୦(ସ୍ୱ.ପ୍ର.)

ସେମିଳିଗୁଡ଼ା ବ୍ଲକ ରେଙ୍ଗା ପଞ୍ଚାୟତ ମାଳିଗୁଞ୍ଜା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ଶିକ୍ଷକ ଦରମା ୮ ମାସ ହେଲା ବନ୍ଦ ରହିଛି। ଶିକ୍ଷକଙ୍କ ଅଭିଯୋଗ ହେଲା, ମାଳିଗୁଞ୍ଜା ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଗତ ବର୍ଷ ଚାକିରିରୁ ଅବସର ନେବା ପରେ ସେହି ପଦବୀ ପୂରଣ କରିବା ପାଇଁ ସେଠାକାର ଆଉ ଜଣେ ଶିକ୍ଷକଙ୍କୁ ସ୍କୁଲର ସମସ୍ତ ଦାୟିତ୍ୱ ନେବା ପାଇଁ ତାଙ୍କୁ ବାଧ କରାଯାଇଥିଲା। ସେ ଅସୁସ୍ଥ ରହୁଥିବା ବେଳେ ପରିବାର ଜଣେ ପିଲା ମଧ ମସ୍ତିଷ୍କ ପକ୍ଷାଘାତରେ ପୀଡ଼ିତ ରହିଥିବା ନେଇ ଶିକ୍ଷକ ଜଣକ ଲିଖିତ ଭାବରେ ଏକ ପତ୍ର ବ୍ଲକ ଶିକ୍ଷାଧିକାରୀଙ୍କୁ ଦେଇଥିଲେ। ବିଇଓ ତାଙ୍କ ପ୍ରତି ସହାନୁଭୂତିଶୀଳ ହେବା ବଦଳରେ ତାଙ୍କର ଆଠ ମାସର ଦରମା ବନ୍ଦ କରିଥିବା ଅଭିଯୋଗ ହୋଇଛି। ଏଥିରେ ତାଙ୍କର ପରିବାର ଗୁଜୁରାଣ ପ୍ରଭାବିତ ହୋଇଛି। ତୁରନ୍ତ ତାଙ୍କର ଦରମା ରିଲିଜ୍ କରିବା ପାଇଁ ସେ ଦାବି କରିଛନ୍ତି। ଏନେଇ ସେମିଳିଗୁଡ଼ା ବିଇଓଙ୍କୁ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ ପ୍ରତିକ୍ରିୟା ମିଳିବା ସମ୍ଭବ ହୋଇନାହିଁ।

# ହୋମିଓପାଥିକ ଡାକ୍ତର ଗିରଫ

■ କ୍ଲିନିକରେ ବେଆଇନ ଔଷଧ ରଖି ବିକୁଥିଲେ

■ ୪୦% ଆଲକହଲ ଥିବା ବହୁ ଔଷଧ ଜବତ

କୋରାପୁଟ,୨୬।୧୦(ସ୍ୱ.ପ୍ର.)

କୋରାପୁଟ ସହରର ଏକ ହୋମିଓ କ୍ଲିନିକରେ ବେଆଇନ ଔଷଧ ରଖି ବିକ୍ରି କରିବା ଅଭିଯୋଗରେ ଶନିବାର ଟାଉନ ପୋଲିସ ଜଣେ ଡାକ୍ତରଙ୍କୁ ଗିରଫ କରିଛି। କ୍ଲିନିକରୁ ବହୁ ଔଷଧ ଜବତ କରାଯାଇଥିବା ଟାଉନ ଥାନା ଅଧିକାରୀ ପୀତବାସ ଧାରୁଆ କହିଛନ୍ତି। ସୂଚନା ଅନୁଯାୟୀ, କୋରାପୁଟ ସହରର ବସ୍‌ଷ୍ଟାଣ୍ଡରେ ହୋମିଓପାଥି ଡାକ୍ତର ପ୍ରସନ୍ନ ମହାପାତ୍ରଙ୍କ କ୍ଲିନିକ ଉପରେ ଟାଉନ ପୋଲିସ ଚଢ଼ାଉ କରିଥିଲା। ଏଥିରେ ୪୦ ପ୍ରତିଶତ ଆଲକହଲ ରହିଥିବା ଔଷଧ ବୋତଲ (ପ୍ରତି ଶହେ ଏମ୍ଏଲ୍) ୯ଟି ଓ ଟନିକ ୮ପ୍ଲସ ବୋତଲ ୧୮ଟି ଜବତ ସହ ତାଙ୍କୁ ଗିରଫ କରାଯାଇଥିଲା। ସେହିପରି ଏହି କ୍ଲିନିକରୁ କଟକଣା ଥିବା ଔଷଧର ୬ଟି କାର୍ଟୁନ ମଧ ଜବତ ହୋଇଥିଲା। କିଛି ବର୍ଷ ତଳେ ଏହି କ୍ଲିନିକରେ ଜିଲା ଡ୍ରଗ୍ ସ୍କ୍ୱାଡ୍ ଚଢ଼ାଉ କରି ବହୁ କାର୍ଟୁନ ଔଷଧ ଜବତ କରିଥିଲା। ଏପରି ଔଷଧ ସେବନ କରି ଲୋକେ ନିଶାସକ୍ତ ହୋଇ ପଡୁଥିବା ବାରମ୍ବାର ଅଭିଯୋଗ ହେବା ପରେ ଏସ୍‌ପି ମୁକେଶ ଭାମୁଙ୍କ ନିର୍ଦ୍ଦେଶରେ ଟାଉନ ପୋଲିସ ଏହି ଚଢ଼ାଉ କରିଥିଲା। ଏନେଇ ଥାନାରେ କେସ୍ ନଂ ୨୬୪/୨୦୧୯ରେ ଏକ ମାମଲା ରୁଜୁ ହୋଇଛି।

# ଚିକାମ୍ବ, ଲୁଲ୍ଲାରେ ଜମିଲା ପଞ୍ଚାୟତସ୍ତରୀୟ ପରବ

ଦଶମନ୍ତପୁର,୨୬।୧୦(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ଚିକାମ୍ବରେ ଶନିବାର ପଞ୍ଚାୟତସ୍ତରୀୟ ପରବ ଅନୁଷ୍ଠିତ ହୋଇଛି। ପିଇଓ ନରସିଂହ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ସୁନାମଣି ମୁଦୁଲି, ସରପଞ୍ଚ ଆନନ୍ଦ ମାଝି, ସମିତି ସଭ୍ୟା ଭାରତୀ କନ୍ଧପାନ, ଅଗ୍ରଗାମୀ ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ ନାୟକ, ଜିଆର୍ଏସ୍ ସଞ୍ଜୟ ସୁବୁଦ୍ଧି, ଯୋଗାଣ ସହାୟକ ଆଶିଷ ଖରା, ଯୋହନ ଭତ୍ରା, ଡୋଗ୍ର ବିଶୋଇ ଉପସ୍ଥିତ ଥିଲେ। ଫଟକିଜାମ ସ୍ଥିତ ମା' ବିରିପାଣିଙ୍କ ପୀଠରୁ ମଶାଲ ଶୋଭାଯାତ୍ରା କରାଯାଇ ଏହା ପରବ ପଡ଼ିଆରେ ପହଞ୍ଚିବା ପରେ ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ନିଜ ବକ୍ତବ୍ୟରେ ବିଧାୟକ ଜାନି କହିଥିଲେ, ଲୋକଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବାର ଏକମାତ୍ର ମାଧ୍ୟମ ହେଉଛି ପରବ। ସେହିପରି ଲୁଲ୍ଲା ପଞ୍ଚାୟତରେ ମଧ ପିଇଓ ସଦାନନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ପରବ ଅନୁଷ୍ଠିତ ହୋଇଛି। ସେଠାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧକ୍ଷ ତଥା ବିଜେଡି ଜିଲା ଉପସଭାପତି ନାରାୟଣ ବିଶୋଇ, ସରପଞ୍ଚ ଧନପତି ସାଉନ୍ତା, ଜିଆର୍ଏସ୍ ଶିବ ପ୍ରସାଦ ମିଶ୍ର, ଶିକ୍ଷକ ବିଦ୍ୟାଧର ନାୟକ ଉପସ୍ଥିତ ଥିଲେ। ଦାଦିବୁଢ଼ା ନିଶାଣୀମୁଣ୍ଡାରୁ ମଶାଲ ଶୋଭାଯାତ୍ରା କରାଯାଇଥିଲା।



ଦଶମନ୍ତପୁର ବ୍ଲକ ଚିକାମ୍ବରେ ଅନୁଷ୍ଠିତ ପଞ୍ଚାୟତସ୍ତରୀୟ ପରବରେ ଆଦିବାସୀ ନୃତ୍ୟରେ ବିଧାୟକ ପ୍ରଭୁ ଜାନି ନାଚୁଛନ୍ତି।

## ଲୁକ୍କାୟିତ ପ୍ରତିଭା ଖୋଜିପାରୁଛି 'ସୁରଭି'

ଜୟପୁର,୨୬।୧୦(ଡି.ଏନ୍.ଏ./ନି.ପ୍ର.)

ଜୟପୁର ବ୍ଲକର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ସାଂସ୍କୃତିକ ପ୍ରତିଯୋଗିତା ତଥା ଶିଶୁ ମହୋତ୍ସବ ସୁରଭି ଜେସିଏନ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛଇ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ଡ. ପ୍ରମୋଦ ପଣ୍ଡା ଯୋଗଦେଇ ସୁରଭି ମାଧ୍ୟମରେ ଲୁକ୍‌କାୟିତ ଶିଶୁ ପ୍ରତିଭାଙ୍କୁ ଠାବ କରାଯିବାରେ ସହାୟକ ହେଉଛି ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ବ୍ୟକ୍ତିଗତ ଓ ଦଳଗତ ଭାବେ ବିଜୟୀ ହୋଇଥିବା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଇଓ ସୁରେନ୍ଦ୍ର ପଟ୍ଟନାୟକ, ସର୍ବଶିକ୍ଷାର ଶୈକ୍ଷିକ ବିଜ୍ଞାନ ସଂଯୋଜକ ଚନ୍ଦ୍ରକଳା ବରଡ୍ଡି, ଜେସିଏନ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ତ୍ରିନାଥ ପଟ୍ଟନାୟକ, ଏବିଇଓ ହେମଲତା ଚେଟ୍ଟି, ପ୍ରଶାନ୍ତ ପାତ୍ର, ରମେଶ ଟାକ୍ରି, ହରିଶ୍ଚନ୍ଦ୍ର ରାଓ ଉପସ୍ଥିତ ଥିଲେ।



ସୁରଭି କାର୍ଯ୍ୟକ୍ରମରେ ନୃତ୍ୟ କରୁଛନ୍ତି ପ୍ରତିଯୋଗୀ।



ସମୀକ୍ଷା ବୈଠକରେ ଜିଲାପାଳଙ୍କ ସହ ଅନ୍ୟମାନେ।

■ ଜିଲାପାଳଙ୍କ ଅଧକ୍ଷତାରେ ସମୀକ୍ଷା ବୈଠକ

# '୫-ଟିରେ ଲୋକଙ୍କୁ ଉଚିତ ସେବା ଦିଅ'

କୋରାପୁଟ,୨୬।୧୦(ସ୍ୱ.ପ୍ର.)

କୋରାପୁଟ ସଦ୍‌ଭାବନା ସଭାଗୃହରେ ଶନିବାର ୫-ଟି କାର୍ଯ୍ୟକ୍ରମ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର ନାୟକ, କୋରାପୁଟ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଦଧିବାମନ ତ୍ରିପାଠୀ, ଡିଆରଡିଏ ଏପିଡି ମହେଶ୍ୱର ନାୟକ, କୋରାପୁଟ ଉପଜିଲାପାଳ ଲଳିତ କୁମାର କହଁର, ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରା ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଦ୍ୱାରା ଜିଲାରେ ଗତ ଏକ ମାସରେ ହୋଇଥିବା ଅଗ୍ରଗତି ଉପରେ ଏଥିରେ ବିଭିନ୍ନ ବିଭାଗୀୟ ଅଧିକାରୀ ରିପୋର୍ଟ ରଖିଥିଲେ। ଜିଲାପାଳ ସମସ୍ତ ରିପୋର୍ଟର ସମୀକ୍ଷା କରିବା ପରେ ଲୋକଙ୍କୁ ୫-ଟିରେ ଠିକ୍ ସମୟରେ ଉଚିତ ସେବା ଦେବା ପାଇଁ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ପାନୀୟଜଳ ସମେତ ବିଭିନ୍ନ ସାମାଜିକ କଲ୍ୟାଣ କାର୍ଯ୍ୟରେ ହିତାଧିକାରୀମାନେ ସୁବିଧା ପାଇପାରୁଛନ୍ତି କି ନାହିଁ, ତାହାର ସମୀକ୍ଷା କରିଥିଲେ ଜିଲାପାଳ।

■ ଜିଲା ଚିକିତ୍ସାଳୟରେ ଅଚାନକ ମନ୍ତ୍ରୀ

# ପରଖିଲେ ଆହାର ମାନ



ଜିଲା ଚିକିତ୍ସାଳୟର ଆହାର କେନ୍ଦ୍ରରେ ଖାଦ୍ୟ ମାନ ପରଖୁଛନ୍ତି ମନ୍ତ୍ରୀ।

ଜୟପୁର,୨୬।୧୦(ନି.ପ୍ର./ଡି.ଏନ୍.ଏ.)

ଜୟପୁରସ୍ଥିତ ଜିଲା ଚିକିତ୍ସାଳୟ ଶନିବାର ତଦାରଖ କରିଛନ୍ତି ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ। ପୂର୍ବାହ୍ନରେ କୋରାପୁଟ ସର୍କିଟ ହାଉସରୁ ମନ୍ତ୍ରୀ ଦାସ ଶୈବପୀଠ ଗୁପ୍ତେଶ୍ୱର ଯାଇଥିଲେ। ସେଠାରୁ ପୂଜାର୍ଚ୍ଚନା ସାରି କୋରାପୁଟ ଫେରିବା ରାସ୍ତାରେ ଅଚାନକ ଜିଲା ଚିକିତ୍ସାଳୟ ଗସ୍ତ କରିଛନ୍ତି। ସେଠାରେ ବିଭିନ୍ନ ୱାର୍ଡ଼ ପରିଦର୍ଶନ କରି ରୋଗୀଙ୍କ ସହ ସ୍ୱାସ୍ଥ୍ୟସେବା ଉପରେ ଆଲୋଚନା କରିବା ପରେ ଚିକିତ୍ସାଳୟ ପରିସରରେ ଥିବା କେନ୍ଦ୍ରରେ ଆହାର ଖାଇ ଏହାର ମାନ ପରଖିଛନ୍ତି। ଚିକିତ୍ସାଳୟରେ ଡାକ୍ତର ଓ କର୍ମଚାରୀଙ୍କ ବ୍ୟବହାର କଥା ମଧ ରୋଗୀଙ୍କୁ ପଚାରି ବୁଝିଥିଲେ। ତାଙ୍କ ସହ ବିହନ ନିଗମ ଅଧକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ଉପସ୍ଥିତ ଥିଲେ। ଡାକ୍ତର ପଦବୀ ଖାଲି ଥିବା ନେଇ ମଧ ଆଲୋଚନା ହୋଇଥିଲା। ଏହି ଅବସରରେ ଜିଲା ଚିକିତ୍ସାଳୟ ଅଧୀକ୍ଷକ ଡା. ପ୍ରମୋଦ ସାମନ୍ତରାୟ, କୋଲାବ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ଆନନ୍ଦ ଚନ୍ଦ୍ର ସାହୁ, ବିଜେଡି ନେତା ବାଲା ରାୟ, ରଘୁରାମ ମାଛ, ଧର୍ମେନ୍ଦ୍ର ଅଧିକାରୀ ଉପସ୍ଥିତ ଥିଲେ। ମନ୍ତ୍ରୀଙ୍କ ଯିବା ପରେ କେନ୍ଦ୍ରରୁ ଆହାର ଶେଷ ହୋଇଯାଇଥିଲା। କର୍ମଚାରୀଙ୍କ କହିବା ଅନୁଯାୟୀ ଦୈନିକ ୨ ଶହ ଆହାର ଆସୁଛି। କିନ୍ତୁ ରୋଗୀଙ୍କ ସମ୍ପର୍କୀୟଙ୍କ ସଂଖ୍ୟା ୫ ଶହ ହେବ। ତେଣୁ ଆହାର ବଢ଼ାଇଲେ ଲୋକେ ଉପକୃତ ହେବେ।

## ଭଗବାନ ଧନ୍ୱନ୍ତରୀଙ୍କ ଜୟନ୍ତୀ ପାଳିତ

ଜୟପୁର,୨୬।୧୦(ଡି.ଏନ୍.ଏ.):

ଦକ୍ଷିଣ ଓଡ଼ିଶା ଆୟୁର୍ବେଦ ବିକାଶ ପରିଷଦ ପକ୍ଷରୁ ଜୟପୁରସ୍ଥିତ ଚୈତନ୍ୟ ମନ୍ଦିରରେ ଆଦିବୈଦ୍ୟ ଭଗବାନ ଧନ୍ୱନ୍ତରୀଙ୍କ ଜୟନ୍ତୀ ତଥା ବିଶ୍ୱ ଆୟୁର୍ବେଦ ଦିବସ ପାଳିତ ହୋଇଛି। ସଭାପତି କବିରାଜ ମୃତ୍ୟୁଞ୍ଜୟ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପୂଜାପାଠ, ହୋମଯଜ୍ଞ ସହ ଆୟୁର୍ବେଦ ଉପରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ପରମେଶ୍ୱର ପାତ୍ର, ଉପସଭାପତି ଡା. ସୁଦର୍ଶନ ଗୌଡ଼, ଡା. ଲିଙ୍ଗରାଜ ସାମନ୍ତରାୟ, କ୍ଷେତ୍ରବାସୀ ପଣ୍ଡା, କୋଷାଧକ୍ଷ ଭବାନୀ ଚରଣ ଆଚାର୍ଯ୍ୟ, ସତ୍ୟନାରାୟଣ ପରିଚ୍ଛା, ନରେଶନାଥ ନାୟକ, ସୂର୍ଯ୍ୟନାରାୟଣ ମିଶ୍ର ଉପସ୍ଥିତ ଥିଲେ।

# କଣ୍ଢେଇନାଚରେ ପର୍ଯ୍ୟଟନ ସଚେତନତା

■ ୨୦ ବର୍ଷ ଧରି ବିଭିନ୍ନ ଅଞ୍ଚଳ ବୁଲି ସଚେତନ କରୁଛନ୍ତି ତେଲେଙ୍ଗାନାର ଜି. ମାଧବୀଲତା

କୋରାପୁଟ,୨୬।୧୦(ସ୍ୱ.ପ୍ର.)

କୋରାପୁଟ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଭାରତର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଉପରେ ସଚେତନ କରାଯାଇଛି। ଶନିବାର ତେଲେଙ୍ଗାନାରୁ ଆସିଥିବା ଆସୋସିଏସନ ଫର ଦି ପ୍ରମୋଶନ ଅଫ ଦି ଆର୍ଟ ଅଫ ପପେଟ୍ରୀ ଦଳ (ଏପିପିଏ) କଣ୍ଢେଇ ଖେଳ ଦ୍ୱାରା ଏଭଳି ସଚେତନ କରିଛି। ପ୍ରତି ଗ୍ରାମ ଓ ସହରାଞ୍ଚଳରେ ରୋଡ ଶୋ, ପାରମ୍ପରିକ ଷ୍ଟେଜ ଶୋ କରାଯାଇ ଲୋକମାନଙ୍କୁ ମଧ ପର୍ଯ୍ୟଟନସ୍ଥଳୀ ଉପରେ ସଚେତନ କରାଯାଉଛି। ଏହି ଦଳ ଏଯାବତ୍ ମାଲକାନଗିରି, ଢେଙ୍କାନାଳ, ପୁରୀ, ଦେବଗଡ଼, କଟକ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ରାୟଗଡ଼ା ଜିଲାରେ ଏପରି ସଚେତନତା କାର୍ଯ୍ୟକ୍ରମ କରିଛି। ଶନିବାର କୋରାପୁଟ ଆଦର୍ଶ ବିଦ୍ୟାଳୟର ପିଲାଙ୍କୁ ତେଲେଙ୍ଗାନାର ଚାରମିନାର, ଗୋଲକୋଣ୍ଡା ଦୁର୍ଗ, ଚୋମହଲା ପ୍ୟାଲେସ, ମେଡକ ଚର୍ଚ୍ଚ, ଭଗିର ଦୁର୍ଗ, କୁନ୍ତଳା ୱାଟରଫଲ, ବିର୍ଲା ମନ୍ଦିର, ଜଗଲାମ୍ବା ମନ୍ଦିର, ରାମପ୍ପା ମନ୍ଦିର, ରାମୋଜି ଫିଲ୍ମସିଟି ଉପରେ ସଚେତନ କରାଯାଇଥିଲା। ପପେଟ୍ରି ଦଳର ସଂପାଦକ ଜି. ମାଧବୀଲତା ଗତ ୨୦ ବର୍ଷ ହେଲା ଏହି କଣ୍ଢେଇ ନାଚ ଜରିଆରେ ଭାରତର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଉପରେ ଲୋକଙ୍କୁ ସଚେତନ କରିଆସୁଛନ୍ତି। ମାଧବୀଲତା ନିଜର ସହଯୋଗୀ ଚାଲା ଉଦୟ ତେଜା, କୈଦୁରି କ୍ରିଷ୍ଣା, ଏମ୍. ଶ୍ରୁତିଙ୍କ ଏଭଳି ସଚେତନତା କାର୍ଯ୍ୟକ୍ରମ ଚଳାଇଛନ୍ତି। ଓଡ଼ିଶାର ମାଗୁଣି ଚରଣଙ୍କ ନେତୃତ୍ୱରେ ମଧ ଏହି କଣ୍ଢେଇ ନାଚ ଦ୍ୱାରା ଲୋକଙ୍କୁ ପର୍ଯ୍ୟଟନ ଓ ପର୍ଯ୍ୟଟନସ୍ଥଳୀ ବାବଦରେ ଆକୃଷ୍ଟ କରାଯାଇଆସୁଛି ବୋଲି ସେ କହିଥିଲେ।



ଆଦର୍ଶ ବିଦ୍ୟାଳୟରେ ପିଲାଙ୍କୁ ସଚେତନ କରୁଛନ୍ତି ଜି. ମାଧବୀଲତା।

## ସଂକ୍ଷେପରେ



### ଧନ୍ୱନ୍ତରୀ ଜୟନ୍ତୀ ପାଳନ ଉତ୍ସବ

ମୁନିଗୁଡା, ୨୬।୧୦ (ଡି.ଏନ୍.ଏ.): ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ ବଡ ଦହିଖାଲ ଗ୍ରାମରେ ଶନିବାର ଜାତୀୟ ଆୟୁର୍ବେଦ ଦିବସ ତଥା ବିଶ୍ୱ ନିରାମୟ ଦିବସ ଅବସରରେ ଭଗବାନ ଧନ୍ୱନ୍ତରୀ ଦେବଙ୍କ ପୁଣ୍ୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଚରକ ଆୟୁର୍ବେଦ ବୈଦ୍ୟ ସଂଘ ମୁନିଗୁଡାଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଭାତରେ କଳସ ଯାତ୍ରା, ଧନ୍ୱନ୍ତରୀ ଧ୍ୱଜ ଉତ୍ତୋଳନ, ବନସ୍ପତି ଔଷଧ ଓ ବୃକ୍ଷଲତା ପ୍ରଦର୍ଶନୀ, ବୈଦ୍ୟ କର୍ମଶାଳା, ସମ୍ବର୍ଦ୍ଧନା, ହୋମଯଜ୍ଞ, ପୁଷ୍ପାଞ୍ଜଳି ପ୍ରଦାନ ଆୟୋଜିତ ହୋଇଥିଲା। ଯୋଗାଚାର୍ଯ୍ୟ ଡା. ହରିଭାଇ ଆର୍ଯ୍ୟନ୍‌ଙ୍କ ସଂଯୋଜିତ ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଜଗନ୍ନାଥ ନୁଣ୍ଡ଼ୁକା, ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ବେହେରା, ଅଧାପିକା ଡଃ ବାସନ୍ତୀ ମହାନ୍ତି, ମହାଶ୍ୱେତା ପଟ୍ଟନାୟକ, ରମାକାନ୍ତ ସ୍ୱାଇଁ, ସାମାଜିକ କର୍ମୀ ଗୌରାଙ୍ଗ ରାଉତ, ପ୍ରମୋଦ କୁମାର ସାହୁକାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଚିକିତ୍ସା ପଦ୍ଧତିରେ ଉଲ୍ଲେଖନୀୟ ଅବଦାନ ପାଇଁ ପୂର୍ଣ୍ଣବାସୀ ପୂଜାରୀ, ଡା. ରମେଶ ଚନ୍ଦ୍ର ମିଶ୍ର, ବାବାଜୀ ମାର୍ଥା ଏବଂ ଚରକ ସଂଘ ସଭାପତି କବିରାଜ ଚତୁର୍ଭୁଜ ଧାଙ୍ଗଡା ମାଝିଙ୍କୁ ଅଙ୍ଗବସ୍ତ୍ର ଏବଂ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ରାମମୂର୍ତ୍ତି ରେଙ୍ଗିଡି, ପରଶ୍ୱେର ରେଟା, ବିରାଜ ପାତ୍ର, ପୂର୍ଣ୍ଣଚନ୍ଦ୍ର ବଳିଆରସିଂହ, ରାମାରାଓ ନାଉରୀ, ପ୍ରଦୀପ କୁମାର ସାହୁ, ବିକାଶେନ୍ଦୁ ଉଦାଲୀ ପ୍ରମୁଖ ସହଯୋଗ କରିଥିଲେ।

### ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ



କାଶୀପୁର, ୨୬।୧୦: କାଶୀପୁର ବ୍ଲକରେ ଶନିବାର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୨୯୫ ବିଦ୍ୟାଳୟର ୧୮୦ ଛାତ୍ରୀଛାତ୍ର ଭାଗ ନେଇଥିଲେ । କାଶୀପୁର ଗୋଷ୍ଠୀ ଶିକ୍ଷା କେନ୍ଦ୍ରର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରେଙ୍ଗୁ ନାଏକ ନେତୃତ୍ୱ ନେଇଥିବା ବେଳେ ଏହାକୁ ସମସ୍ତ ୧୮ ଜଣ ସିଆରସିସି ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ରତ୍ନାକର ନାଏକ ଓ ଅରୁଣ ଆଚାର୍ଯ୍ୟ ପରିଚାଳନା କରିଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟଅଧିକାରୀ ନେତ୍ରାନନ୍ଦ ନାୟକ ମୁଖ୍ୟ ଅତିଥି, ପ୍ରଧାନ ଶିକ୍ଷକ କଳମଣି ବଳିଆରସିଂ, ବରିଷ୍ଠ ଶିକ୍ଷକ ଅଦ୍ୱୈତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଶିକ୍ଷକ କ୍ଷମାକର ରାଉତ ଧନ୍ୟବାଦ ଦେଇଥିଲେ ।

### ଦକ୍ଷିଣକାଳୀଙ୍କ ପୂଜା ପାଇଁ ପ୍ରସ୍ତୁତି ଶେଷ



ଗୁଣପୁର,୨୬।୧୦(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁରଠାରେ ମା' ଦକ୍ଷୀଣକାଳୀଙ୍କ ପୂଜା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି । ମୂର୍ତ୍ତି ନିର୍ମାଣ କାର୍ଯ୍ୟ ସରିଥିବାବେଳେ ଶନିବାର ସନ୍ଧ୍ୟାରେ ଗଙ୍ଗା ଆବାହନ ଏବଂ କଳସଯାତ୍ରା ସମ୍ପନ୍ନ ହୋଇଥିଲା । ବଂଶଧାରା ନଦୀରେ ଗଙ୍ଗା ଆବାହନ ପୂଜା ପରେ ମହିଳାମାନେ କଳସ ଶୋଭାଯାତ୍ରାରେ ବାହାରି ପୂଜାମଣ୍ଡପଠାରେ ପହଁଞ୍ଚିଥିଲେ। କର୍ତ୍ତାଭାବେ ପ୍ରଭାତ ମହାପାତ୍ର ଏବଂ ପୂଜକ ଭାବେ ନବୀନ ରଥ ଏବଂ ଜଗନ୍ନାଥ ରଥ କାର୍ଯ୍ୟ ସମ୍ପାଦନା କରିଥିଲେ । ଏହି ଅବସରରେ ପୂଜା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ସୁନ୍ଦର ଆଲୋକମାଳା ସହ ତୋରଣରେ ପୂଜାମଣ୍ଡପକୁ ସଜ୍ଜା ଯାଇଛି । ରବିବାରଠାରୁ ମା'ଙ୍କ ପୂଜା ୭ ଦିନ ପାଇଁ ଚାଲୁ ରହିବ ।

■ ଆଜି ଧରାପୃଷ୍ଠକୁ ଅବତରଣ କରିବେ ମା' କାଳୀ

# ଆଲୋକମାଳାରେ ଝଲସିଉଠୁଛି ପୂଜାମଣ୍ଡପ

ରାୟଗଡ଼ା ଅଫସ,୨୬।୧୦

ରବିବାର ଆଲୋକର ପର୍ବ ଦୀପାବଳି। ଏହି ପର୍ବକୁ ଲୋକେ କିପରି ଧୁମ୍‌ଧାମରେ ପାଳନ କରିବେ ସେନେଇ ସମସ୍ତେ ପ୍ରସ୍ତୁତ ହୋଇଛନ୍ତି । ସେହିପରି ଧରାପୃଷ୍ଠକୁ ଅବତରଣ କରିବେ ମା' କାଳୀ । ଏନେଇ ରାୟଗଡ଼ାର ବିଭିନ୍ନ ପୂଜା ମଣ୍ଡପକୁ ଆକର୍ଷଣୀୟ ତୋରଣ ସାଙ୍ଗକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି । ରାୟଗଡ଼ାର ବ୍ଲକ କଲୋନୀଠାରେ ଫ୍ରେଣ୍ଡସ ୟୁଥ ଆସୋସିଏଶନ ପକ୍ଷରୁ କାଳୀପୂଜା ଧୁମ୍‌ଧାମରେ ପାଳନ ହେବ । ଏହି ପୂଜାର ଏକ ନିଆରା ଇତିହାସ ରହିଛି । ଅନେକ ବାଧା ବିଘ୍ନ ସତ୍ତ୍ୱେ ଏହି ପୂଜା କମିଟି ୩୭ତମ ବର୍ଷରେ ପଦାର୍ପଣ କରିଛି । ଦୁଇ ଦିନ ଧରି ଲଗାଣ ବର୍ଷା ସତ୍ତ୍ୱେ ସବୁ ପ୍ରକାରର କାମ ଶେଷ ହୋଇଛି । ୧୯୮୦ରେ ବଙ୍ଗାଳୀ ବନ୍ଧୁର ପରିକଳ୍ପନାରେ ସାହିର କେତେ ଜଣ ଯୁବକ ମିଶି ମାତ୍ର ୩୦୦୦ ଟଙ୍କାରେ ଏହି ପୂଜା ଆରମ୍ଭ କରିଥିଲେ । ବର୍ତ୍ତମାନ କମିଟିର ସାଧାରଣ ସମ୍ପାଦକ ଶିବ ପଟ୍ଟନାୟକଙ୍କ ନେତୃତ୍ୱରେ ଦିଲୀପ ପଟ୍ଟନାୟକ,ଶିବାଜୀ ଦାସ, ଗୌରୀ ପଟ୍ଟନାୟକ,ସଂଗ୍ରାମ ପଟ୍ଟନାୟକ, ରାମପୁରୀ ଗଣେଶ ପ୍ରମୁଖ କର୍ମକର୍ତ୍ତାଙ୍କ ମିଳିତ ଉଦ୍ୟମରେ ଏହି ପୂଜା କରାଯାଉଛି । ସାଧାରଣ ସମ୍ପାଦକଙ୍କ କହିବା କଥା ହେଲା, ଏଠାରେ ୧୧ ଦିନ ଧରି ଏହି ପୂଜା ପାଳନ କରାଯିବ । ସେଥିଲାଗି ଏହି ପୂଜାସ୍ଥଳରେ ୧୬୦ରୁ ଉର୍ଦ୍ଧ୍ୱ ଉଠା ଦୋକାନୀ ସହ ୧୮୦ରୁ ଅଧିକ ଷ୍ଟଲ ଲାଗିଛି । ଆଲୋକରେ ସୁସଜ୍ଜିତ ଓ ସୁନ୍ଦର ତୋରଣ ମନମୁଗ୍ଧକର ହୋଇଛି । ମୀନା ବଜାର , ପିଲାଙ୍କ ଖେଳିବା ବୋଟ, ଫୁଡ଼ ଷ୍ଟଲ ସବୁ ରହିଛି। ଯାଜପୁରରୁ ୨ ଜଣ ପୁରୋହିତ ଏହି ପୂଜା କରିବେ। ସେମାନେ ୧୦ ଦିନ ଧରି ୧୦ ମହାବିଦ୍ୟାପାଠ ପୂଜା କରିବେ । କଟକର କାରିଗର ଦୀନୁ ମହାରଣା ମୂର୍ତ୍ତି ନିର୍ମାଣ କରିଛନ୍ତି। ଆଭ୍ୟନ୍ତରୀଣ ସାଜସଜ୍ଜା ମଧ୍ୟ ସମ୍ପୂର୍ଣ୍ଣ ହୋଇଛି । ଏଠାକାର ପୂଜା ସବୁଠୁ ନିଆରା ବୋଲି ଅଞ୍ଚଳବାସୀ ଦାବି କରନ୍ତି । ଦର୍ଶକଙ୍କ ମନୋରଞ୍ଜନ ଲାଗି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ।




ରାୟଗଡ଼ାରେ ନିର୍ମିତ ତୋରଣ ଏବଂ ମା'ଙ୍କ ମୂର୍ତ୍ତି।

# ୩ ଦିନ ପରେ ହଟିଲା ପଥର

ଗୁଣପୁର,୨୬।୧୦(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଅଞ୍ଚଳରେ ଲଘୁଚାପଜନିତ ବର୍ଷା ଯୋଗୁ ପୁଟାସିଂ ରାସ୍ତାର ରିଙ୍ଗିତାଲ ନିକଟରେ ଗୁରୁବାର ପାହାଡରୁ ଏକ ବିରାଟ ପଥର ଖସି ରାସ୍ତା ଅବରୋଧ ହୋଇଥିଲା । ଫଳରେ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା । ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାରୁ ପଥର ହଟାଇବା କାର୍ଯ୍ୟ ଆରମ୍ଭ ହୋଇଥିଲା । ୩ ଦିନ ପରେ ଅର୍ଥାତ ଶନିବାର ରାତିରେ ୫୦୦ ଟନ ବିଶିଷ୍ଟ ଓଜନର ପଥରକୁ ହଟାଯାଇଛି । ପଥର ପଡି ରାସ୍ତା ଅବରୋଧ ହୋଇଥିବାରୁ ଲୋକଙ୍କ ସୁବିଧା ଲାଗି ପାହାଡ କାଟି ଏକ ଅସ୍ଥାୟୀ ରାସ୍ତା ନିର୍ମାଣ ହୋଇଥିଲା । ଏହି ଅବସରରେ ପୂର୍ତ୍ତବିଭାଗର ଅଧୀକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ତ୍ରିପାଠୀ, ନିର୍ବାହିଯନ୍ତ୍ରୀ ସୀମାଦ୍ରି ନାୟକ, ସହକାରୀ ନିର୍ବାହୀଯନ୍ତ୍ରୀ ଉଦ୍ଧବ ପାଢ଼ୀ, ସହକାରୀ ଯନ୍ତ୍ରୀ ଶ୍ରୀନିବାସ ରାଓ, କନିଷ୍ଠଯନ୍ତ୍ରୀ ବିଜୟ ମିଶ୍ର, ମାନସ ନାୟକଙ୍କ ସମେତ ସ୍ଥାନୀୟ ଠିକାଦାରଙ୍କ ସହାୟତାରେ ରାସ୍ତାରୁ ପଥର ହଟାଯାଇଥିଲା ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ରାସ୍ତା ଅବରୋଧ ଯୋଗୁଁ ଆବାଡା, ଶଗଡା ଏବଂ ପୁଟାସିଂ ଅଞ୍ଚଳରୁ ଗୁଣପୁରକୁ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଥିଲା ।

■ ବାଲ୍ୟ ବିବାହ ରୋକିବା ପଦକ୍ଷେପ

# ଜିଲା ପ୍ରଶାସନକୁ ପ୍ରଶଂସାପତ୍ର



ସମାଜ ମଙ୍ଗଳ ଅଧିକାରୀ ୱାହିଦା ବେଗମ ଜିଲାପାଳଙ୍କୁ ପ୍ରଶଂସାପତ୍ର ପ୍ରଦାନ କରୁଛନ୍ତି ।

ରାୟଗଡା ଅଫିସ,୨୬।୧୦

ବାଲ୍ୟ ବିବାହ ରୋକିବା ନେଇ ଗତ ୨ ତାରିଖରେ ରାୟଗଡ଼ାରେ ୩ ଲକ୍ଷ ୫୦ ହଜାର ଲୋକ ନିଜ ନିଜ ଅଞ୍ଚଳରେ ଶପଥ ନେଇଥିଲେ । ଜିଲା ପ୍ରଶାସନର ଏପରି କାର୍ଯ୍ୟକୁ ରାଜ୍ୟସ୍ତରରେ ଉଚ୍ଚ ପ୍ରଶଂସା କରାଯାଇଛି । ଗତ ୨୪ ତାରିଖରେ ମହିଳା ଓ ଶିଶୁ ମଙ୍ଗଳ ବିଭାଗ ଦ୍ୱାରା ରାଜ୍ୟକୁ ବାଲ୍ୟ ବିବାହ ମୁକ୍ତ ରାଜ୍ୟ ହିସାବରେ ଗଢି ତୋଳିବା ପାଇଁ ପ୍ରସ୍ତୁତ କାର୍ଯ୍ୟ ଖସଡାକୁ ଉନ୍ମୋଚନ କରାଯାଇଥିଲା । ଏହି ଅବସରରେ ବାଲ୍ୟ ବିବାହ ରୋକିବା ପାଇଁ ଜିଲା ପ୍ରଶାସନ ତରଫରୁ ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରାଯାଇଥିଲା । ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ଟୁକୁନି ସାହୁ, ମହିଳା ଓ ଶିଶୁ କଲ୍ୟାଣ ସଚିବ ଅନୁ ଗର୍ଗ, ମିଶନ ଶକ୍ତି ସଚିବ ସୁଜାତା କାର୍ତ୍ତିକେୟନ, ସମନ୍ୱିତ ଶିଶୁ ବିକାଶ ଯୋଜନା, ସମାଜ କଲ୍ୟାଣ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲଙ୍କ ଉପସ୍ଥିତିରେ ଏକ ପ୍ରଶଂସାପତ୍ର ଓ ସ୍ମାରକ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଥିଲା । ସମାଜ ମଙ୍ଗଳ ଅଧିକାରୀ ୱାହିଦା ବେଗମ ଏହାକୁ ଗ୍ରହଣ କରିଥିଲେ । ଶନିବାର ସେ ଏହି ପ୍ରଶଂସା ପତ୍ରକୁ ଜିଲାପାଳଙ୍କୁ ପ୍ରଦାନ କରିଥିଲେ । ଏହି ଅବସରରେ ଗ୍ରାମ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ, ଉପ ଜିଲାପାଳ ପ୍ରତାପଚନ୍ଦ୍ର ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କହଁର, ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳ, ଜିଲା ଶିକ୍ଷା ଅଧିକାରୀ ପୂର୍ଣଚନ୍ଦ୍ର ବରିହା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

■ ଜେକେ କାଗଜକଳରେ ଶ୍ରମିକ ଅଶାନ୍ତି

# ମୁଖ୍ୟ ଫାଟକ ସମ୍ମୁଖରେ ଚଳାଇଲେ ଆନ୍ଦୋଳନ

ଜେକେପୁର,୨୬।୧୦

ରାୟଗଡ଼ା ଜିଲା ଜେକେ କାଗଜକଳରେ ପୁଣି ଶ୍ରମିକ ଅଶାନ୍ତି ଦେଖାଦେଇଛି । ବୋନସ ନେଇ ଠିକା ଶ୍ରମିକମାନେ ଶନିବାର କାମ ବନ୍ଦ କରି କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ଆନ୍ଦୋଳନ ଚଳାଇଛନ୍ତି । ଶ୍ରମିକମାନେ ଅଭିଯୋଗ କରିଛନ୍ତି ଯେ, ଏଠାରେ ସ୍ଥାୟୀ କର୍ମଚାରୀଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ୨୦ % ବୋନସ ଦେଉଥିବା ବେଳେ ଅସ୍ଥାୟୀ ଠିକା କର୍ମଚାରୀଙ୍କୁ ମାତ୍ର ୧୩% ବୋନସ ଦେଉଛନ୍ତି। ରାଜ୍ୟ ସରକାରଙ୍କ ନିୟମକୁ କମ୍ପାନୀର ଠିକାଦାରମାନେ ମାନୁ ନ ଥିବା ପ୍ରକାଶ କରିଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ, ଶ୍ରମ ବିଭାଗ ଓ କେତେଜଣ କର୍ମଚାରୀଙ୍କ ଉପସ୍ଥିତିରେ ଗତବର୍ଷ ଏକ ଚୁକ୍ତିନାମା ହେବା ପରେ କମ୍ପାନୀ କର୍ତ୍ତୃପକ୍ଷ ୨୦ ପ୍ରତିଶତ ବୋନସ ଦେବା ନିମନ୍ତେ ରାଜି ହୋଇଥିଲେ । ହେଲେ ସେନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହାକୁ ନେଇ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏନେଇ ପ୍ରାୟ ୪ ହଜାର କର୍ମଚାରୀ ଶନିବାର ମଧ୍ୟାହ୍ନରୁ କାର୍ଯ୍ୟରେ ଯୋଗ ନ ଦେଇ ମୁଖ୍ୟ ଫାଟକଠାରେ ଆନ୍ଦୋଳନ ଚଳାଇଛନ୍ତି । । ଆଗାମୀ ଦିନରେ ଠିକା ଶ୍ରମିକଙ୍କ ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଜାରି ରହିବ ବୋଲି କର୍ମଚାରୀମାନେ ଚେତାବନୀ ଦେଇଛନ୍ତି । ଅପରପକ୍ଷେ କମ୍ପାନୀ କର୍ତ୍ତୃପକ୍ଷଙ୍କ କହିବା କଥା ହେଲା, ଗତବର୍ଷ ତୁଳନାରେ ଚଳିତବର୍ଷ ଠିକା ଶ୍ରମିକମାନଙ୍କୁ ଭଲ ବୋନସ ଦେଇ ସନ୍ତୁଷ୍ଟ କରାଯାଇଛି।



କାଗଜକଳ ସମ୍ମୁଖରେ କର୍ମଚାରୀମାନେ ଆନ୍ଦୋଳନ ଚଳାଇଛନ୍ତି।

## ୫-ଟି କାର୍ଯ୍ୟକ୍ରମର ସମୀକ୍ଷା କଲେ ଜିଲାପାଳ

ରାୟଗଡ଼ା ଅଫିସ ,୨୬।୧୦

୫-ଟିକୁ ସଫଳ କରିବା ପାଇଁ ଜିଲା ପ୍ରଶାସନ ତତ୍ପରତା ଦେଖାଇଛି । ବିଭିନ୍ନ ଗ୍ରାମରେ ପଲ୍ଲୀରେ ପ୍ରଶାସନ ତଥା ଅଭିଯୋଗ ଶୁଣାଣି କିପରି ଚାଲିଛି ସେ ନେଇ ଜିଲାପାଳ ପ୍ରମୋଦ କୁମାର ବେହେରା ସମୀକ୍ଷା କରିଛନ୍ତି । ଏନେଇ ଶନିବାର ଜିଲାପାଳଙ୍କ ଅଧ୍ୟକ୍ଷତାରେ ୫-ଟି ସମ୍ପର୍କିତ ଏକ ସମୀକ୍ଷା ବୈଠକ ଡ଼ିଆରଡ଼ିଏର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଭିଯୋଗର ସମାଧାନ, ଉନ୍ନତମାନର ସେବା, ଏହାର ଉନ୍ନତି ନେଇ ଆଲୋଚନା ହୋଇଥିଲା । ଏଥିରେ ଜିଲାପାଳ ସମସ୍ତ ଅଧିକାରୀଙ୍କୁ ୫ -ଟି କୁ ଉଚିତ ରୂପେ କାର୍ଯ୍ୟ କରିବାକୁ କହିଥିଲେ। ଏହି ବୈଠକରେ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ,ପିଡ଼ି ଅମ୍ରିତ ଋତୁରାଜଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଅଭିଭାବକ -ଅଧ୍ୟାପକ ସମ୍ମିଳନୀ

ଗୁଣପୁର,୨୬।୧୦(ଡି.ଏନ.ଏ)

ଗୁଣପୁର ମହାବିଦ୍ୟାଳୟ ରସାୟନିକ ବିଜ୍ଞାନ ବିଭାଗର ଅଭିଭାବକ ଓ ଅଧ୍ୟାପକ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ସୂର୍ଯ୍ୟନାରାୟଣ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୭୫ ପ୍ରତିଶତ ଉପସ୍ଥାନ, ପ୍ରୋକଟୋରିଆଲ ଗ୍ରୁପର ଗଠନ ସମ୍ପର୍କରେ ସୂଚନା ଦେଇ ସରକାରଙ୍କ ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ । ଏଥିରେ ସମସ୍ତ ଅଭିଭାବକ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ । ବିଭାଗୀୟ ମୁଖ୍ୟ ଡ.ନିଳମାଧବ ଦାସଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ଆରମ୍ଭରେ ବରିଷ୍ଠ ଅଧ୍ୟାପକ ଶଶିଭୂଷଣ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ । ଅନୁଷ୍ଠାନରେ ପ୍ରଥମ ଥର ପାଇଁ ଏହି ବୈଠକ ଆୟୋଜନ ହୋଇଥିଲା । ସମ୍ମାନିତ ଅତିଥି ଭାବେ ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଜି.ମହେଶ୍ୱର ରାଓ, ଅଫିସ ସୁପରିଣ୍ଟେଣ୍ଡେଣ୍ଟ ଶିବ ପ୍ରସାଦ ତ୍ରିପାଠୀ ଯୋଗ ଦେଇଥିଲେ । ଏହି ବୈଠକରେ ୪୦ ଜଣ ଅଭିଭାବକ ଉପସ୍ଥିତ ଥିଲେ । ପରୀକ୍ଷାଗାର ସହାୟକ ଗଜେନ୍ଦ୍ର ନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ । ପୂର୍ଣ୍ଣଚନ୍ଦ୍ର ମିଶ୍ର, ନନ୍ଦିକେଶ୍ୱର ଚୌଧୁରୀ, ସଚ୍ଚିଦାନନ୍ଦ ବିଶୋୟୀ, ସୁରେନ୍ଦ୍ର ଶତପଥୀ, ଗଦାଧର ପଣ୍ଡା, ପଦ୍ମନ ଚାଲାନ, ଦିଗମ୍ବର ପଣ୍ଡା, ତୁଳସୀ ମାଣ୍ଡାଙ୍ଗୀ ଅଭିଭାବକ ଯୋଗ ଦେଇଥିଲେ ।



ଅଭିଭାବକ ସମ୍ମିଳନୀରେ ମଞ୍ଚାସୀନ ଅତିଥି ।

## ଗାନ୍ଧୀ ପବ୍ଲିକ ସ୍କୁଲରେ ଦୀପାବଳି ପାଳିତ

ଗୁଣପୁର,୨୬।୧୦(ଡି.ଏନ.ଏ)

ଦିପାବଳୀ ପାଳନର ଅବ୍ୟବହିତ ପୂର୍ବରୁ ରାୟଗଡା ଜିଲା ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲଠାରେ ଶନିବାର ଆଲୋକର ପର୍ବ ଦିପାବଳୀ ପାଳିତ ହୋଇଯାଇଛି। ଏହି ଅବସରରେ ପିଲାମାନେ ବିଭିନ୍ନ ବେଶରେ ସଜ୍ଜିତ ହେବାସହ ଦିପାବଳୀ ପାଳନର ସତର୍କତା ନେଇ ସଚେତନ ହୋଇଥିଲେ ।



# ସିଆର୍‌ପିଏଫ୍ କ୍ୟାମ୍ପରେ ଧନ୍‌ତେରସ ପାଳନ



ସିଆରପିଏଫ୍ କ୍ୟାମ୍ପରେ ପୂଜାର୍ଚ୍ଚନା କରାଯାଉଛି ।

ରାୟଗଡ଼ା ଅଫିସ,୨୬।୧୦

ରାୟଗଡ଼ାର ସିଆରପିଏଫ କ୍ୟାମ୍ପ କସ୍ତୁରୀ ନଗରର ୪ର୍ଥ ବାଟାଲିୟନରେ ଶନିବାର ଧନତେରସ୍ ପାଳିତ ହୋଇଯାଇଛି । କମାଣ୍ଡାଣ୍ଟ ୱାଇ.କେ ରାଜପୁତଙ୍କ ଅଧ୍ୟକ୍ଷତାରେ ରୁପାର ମୁକୁଟରେ ସୁନା ପାଣି ଦିଆହୋଇଥିବା ୩ଟି ମୁକୁଟ ଭଗବାନଙ୍କୁ ପୂଜାକରି ପିନ୍ଧା ଯାଇଛି । ରୀତିନୀତି ଭାବରେ ଭଗବାନଙ୍କୁ ଆରାଧନା କରାଯାଇଛି । କ୍ୟାମ୍ପ ଭିତରରେ ଆଖପାଖର ପ୍ରାୟ ୬୦ ଜଣ ମହିଳା ମଧ୍ୟ ପୂଜା କରିଥିଲେ । ସେକେଣ୍ଡ କମାଣ୍ଡାଣ୍ଟ ମିଟୁ ରୟ , ଡ଼େପୁଟି କମାଣ୍ଡାଣ୍ଟ ସାହ ସନ୍ତୋଷଙ୍କ ସମେତ ସମସ୍ତ ଯବାନ ଏବଂ ଜନ ସାଧାରଣ ଉପସ୍ଥିତ ଥିଲେ ।



କାଳୀପୂଜା ନେଇ ବାହାରିଥିବା କଳସ ଶୋଭାଯାତ୍ରା ।

# କାଳୀପୂଜା ନେଇ କଳସଯାତ୍ରା

ପଦ୍ମପୁର,୨୬।୧୦

ରାୟଗଡ଼ା ଜିଲା ପଦ୍ମପୁରଠାରେ ମା' ଦକ୍ଷିଣକାଳୀଙ୍କ ପୂଜାର୍ଚ୍ଚନା ଶନିବାରଠାରୁ ଆରମ୍ଭ ହୋଇଛି । ସନ୍ଧ୍ୟାରେ ମା'ଙ୍କ ଆବାହନ ସହ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ପଦ୍ମପୁର ଅଞ୍ଚଳରେ ଏହା ଏକମାତ୍ର କାଳୀପୂଜା ଭାବେ ଅଞ୍ଚଳରେ ଖ୍ୟାତିଅର୍ଜନ କରିଛି । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି କାଳିପୂଜା କମିଟି ତରଫରୁ ସୂଚନା ଦିଆଯାଇଛି । ଉକ୍ତ ପୂଜାକୁ ପୂଜା କମିଟି ପରିଚାଳକ ଗୋଦାବରୀ ରାଉତ ଓ ଅଞ୍ଚଳବାସୀଙ୍କ ସହଯୋଗରେ ପାଳନ କରାଯାଉଛି । ଏଥିରେ ବ୍ରଜକିଶୋର ତ୍ରିପାଠୀ ଓ ରବି ରଥ ପୌରୋହିତ୍ୟ କରିଥିଲେ । ରବିବାର ରୁଦ୍ରାଭିଷେକ, ଘଟପୂଜା, ଦେବୀ ଆବାହନ, ପ୍ରାଣ ପ୍ରତିଷ୍ଠା, ଷୋଡ଼ଶ ଉପଚାର ପୂଜା, ଦୁର୍ଗା ସହସ୍ର ନାମଜପ, ହୋମ, ମଙ୍ଗଳବାର ଚଣ୍ଡିପାଠ ଓ ବୁଧବାର ପୂର୍ଣ୍ଣାହୁତି କରାଯିବ । ସନ୍ଧ୍ୟାରେ ମୃଣ୍ମୟୀ ପ୍ରତିମାଙ୍କ ବିସର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

# ବୁଝାମଣା ହେଲା ଗୁଣିଗାରେଡ଼ି ମାମଲା

## ଥାନା ଅଧିକାରୀଙ୍କ ଅଭିନବ ଉପାୟ

କଲ୍ୟାଣସିଂହପୁର, ୨୬।୧୦(ଡି.ଏନ୍.ଏ.)

ଅଭିନବ ଉପାୟରେ ବୁଝାମଣା ହୋଇଛି ଗୁଣିଗାରେଡ଼ି ମାମଲା । କଲ୍ୟାଣସିଂହପୁର ଭାରପ୍ରାପ୍ତ ଥାନାଧିକାରୀ ଦିପ୍ତିରଞ୍ଜନ ସାହୁ ଏହାର ସମାଧାନ କରିଛନ୍ତି । ଏପରି ଦେଖିବାକୁ ମିଳିଛି ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତର କଞ୍ଚାମଯୋଡି ଗ୍ରାମରେ ।

କଞ୍ଚାମଯୋଡ଼ି ଗ୍ରାମର ସାରକା ବୋଗିଙ୍କୁ ତାଙ୍କ ପୁତୁରା ସାଇକା ଭିଷ୍ମ ଗୁଣିଗାରେଡି କରିଥିବା ନେଇ କଲ୍ୟାଣସିଂହପୁର ଥାନାରେ ଏତଲା ଦେଇଥିଲେ । ହେଲେ ଥାନା ଅଧିକାରୀ ସାହୁ ଏହି ଘଟଣାର ସମାଧାନ ନେଇ ଏକ ଅଭିନବ ଉପାୟ ଅବଲମ୍ବନ କରିଥିଲେ । ସେ ବ୍ଲକ ଆଦିବାସୀ ସଭାପତି ରଘୁ ନିଶିକା, ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ଶଙ୍କର ହିକ୍‌କା, ଗୋପୀନାଥ ଜରସିକା, ପୂର୍ବତନ ସରପଞ୍ଚ ସାରାବୁ ସାରକା, ଦୁଃଖି ଗୌଡ଼, ସାମାଜିକ କର୍ମୀ ପ୍ରଭାକର ପାତ୍ର, ୱାର୍ଡମେମ୍ବରଙ୍କ ସମେତ ଆଖପାଖ ର ଶତାଧିକ ଲୋକଙ୍କୁ ନେଇ ଏକ ସଚେତନତା ବୈଠକ ଡ଼ାକିଥିଲେ । ଉକ୍ତ ବୈଠକରେ ଗୁଣି ଗାରେଡିରେ ବିଶ୍ୱାସ ନ ରଖି ଭାଇଚାରା ସମ୍ପର୍କ ରଖିବାକୁ ଗ୍ରାମବାସୀଙ୍କୁ ବୁଝାଇଥିଲେ । ଏଥିସହ ସମାଜରୁ କିଭଳି ଭାବେ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର ହେବ ସେନେଇ କହିଥିଲେ । ପରେ ଉଭୟ ସାରକା ଓ ଭୀଷ୍ମଙ୍କୁ ବୁଝାଶୁଝା କରି ମାମଲାର ସମାଧାନ କରିଥିଲେ । ମିଳିମିଶି ରହିବା ପାଇଁ ପରାମର୍ଶ ଦେଇଥିଲେ । ଶେଷରେ ଅନ୍ଧବିଶ୍ୱାସ ଦୂର ନେଇ ସମସ୍ତେ ଶପଥ ନେଇଥିଲେ ।




ବୈଠକରେ ଥାନାଧିକାରୀଙ୍କ ସହ ଅନ୍ୟମାନେ ।

## ସଂକ୍ଷେପରେ

### ଚିକିତ୍ସା ସମୟରେ ପ୍ରସୂତିଙ୍କୁ ମାଡ଼ ଅଭିଯୋଗ

**କୋରୁକୋଣ୍ଡା ୨୬।୧୦(ଡ଼ି.ଏନ.ଏ)** ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଚିକିତ୍ସା ସମୟରେ କର୍ମଚାରୀ ପ୍ରସୂତିଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। କିଚପାଲି ଗ୍ରାମର ରାମ ପଡ଼ିଆମୀଙ୍କ ସ୍ତ୍ରୀ ମିନା ପଡ଼ିଆମୀଙ୍କୁ ଡାକ୍ତରଖାନାରେ ଚିକିତ୍ସା ସମୟରେ ମାଡ଼ ମରାଯାଇଥିବା ରାମ କହିଛନ୍ତି। ରାମ ଜଣେ ଗରିବ ଦିନ ମଜୁରିଆ। ପ୍ରତିଦିନ ପରି ମଙ୍ଗଳବାର ସେ କାମକୁ ଯାଇଥିଲେ। ଦିନ ପ୍ରାୟ ୨ଟାରେ ତାଙ୍କ ସ୍ତ୍ରୀଙ୍କ ଗର୍ଭଯନ୍ତ୍ରଣା ହୋଇଥିଲା। ସେ ଘରେ ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ପରେ ଗ୍ରାମର ଆଶାକର୍ମୀ ରାମେ ପଡ଼ିଆମୀ ପ୍ରସୂତିଙ୍କୁ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ମିନାଙ୍କ ପ୍ରାଥମିକ ଚିକିତ୍ସା ହେଉଥିବା ସମୟରେ ମିନାଙ୍କ ଦୁଇ ଜଙ୍ଘକୁ ଡାକ୍ତରଖାନାର କର୍ମଚାରୀ ମାଡ଼ ମାରିଥିଲେ। ସେ ଘରକୁ ଫେରିବା ପରେ ଏ ବିଷୟରେ ସ୍ୱାମୀଙ୍କୁ କହିଥିଲେ। ଏ ସମ୍ପର୍କରେ ମେଡିକାଲ ଭାରପ୍ରାପ୍ତ ଅଧିକାରୀ ଡା. ଦେବାଶିଷ ନାୟକଙ୍କୁ ପଚାରିବାରୁ ସେ ଆମ ଖବରଦାତାଙ୍କୁ ଦୁର୍ବ୍ୟବହାର କରିବା ସହ ଅଭିଯୋଗକୁ ଖଣ୍ଡନ କରିଥିଲେ। ପ୍ରସୂତିଙ୍କୁ ମାଡ ମରାଯିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏହାର ତଦନ୍ତ ପାଇଁ ଜନସାଧାରଣରେ ଦାବି ହେଉଛି।

### ପାଣ୍ଡ୍ରିପାଣିରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ପାଣ୍ଡ୍ରିପାଣି,୨୬।୧୦( ଡି.ଏନ.ଏ.)-** ମାଲକାନଗିରି ବ୍ଲକ ଅନ୍ତର୍ଗତ ପାଣ୍ଡ୍ରିପାଣିରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଓଁ ନମଃ ଶିବାୟ ଅଟୋ ସଂଘ ପକ୍ଷରୁ ଅନୁଷ୍ଠିତ ହୋଇଛି। ଯାତ୍ରୀ ପ୍ରତୀକ୍ଷାଳୟ ସଫା କରିବା ସହ ପାଣ୍ଡ୍ରିପାଣି ରାସ୍ତାର ଉଭୟ ପାର୍ଶ୍ୱ ସଂଘ ସଦସ୍ୟମାନେ ସଫା କରିଛନ୍ତି। ଯାତ୍ରୀ ପ୍ରତୀକ୍ଷାଳୟରେ ବସୁଥିବା ଯାତ୍ରୀଙ୍କୁ ପ୍ରତୀକ୍ଷାଳୟ ପକ୍ଷରୁ ଚତୁଃପାର୍ଶ୍ୱ ସଫା ରଖିବା ଓ ଏଠାରେ ପାନ ଗୁଟ୍‌ଖା ଛେପ ନ ପକାଇବା ପାଇଁ ସଚେତନ କରାଯିବା ସହ କାନ୍ଥରେ ସଚେତନତା ବାର୍ତ୍ତା ଲେଖାଯାଇଛି। ଏହି କାର୍ଯ୍ୟକ୍ରମ ସଂଘ ସମ୍ପାଦକ ଦୀନବନ୍ଧୁ ଶିସାଙ୍କ ନେତୃତ୍ୱରେ ହୋଇଥିଲା। ଦୀନବନ୍ଧୁ ବାଟ୍ଲୁ, ମହେନ୍ଦ୍ର ଗାରାମୀ, ରଘୁ ହନ୍ତାଳଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

### ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**କୋରୁକୋଣ୍ଡା,୨୬।୧୦(ଡ଼ି.ଏନ.ଏ)** ମାଲକାନଗିରି ଜିଲା କୋରୁକୋଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ଲକ ଶିକ୍ଷାଧିକାରୀ ପତିତପାବନ ଦାସ ଉଦ୍‌ଘାଟନ କରିଥିଲେ। ଦୁଇ ଏବିଇଓ ଗାୟତ୍ରୀ ଦେବୀ ଓ ଆର.କେ. ମହାରଣା ଉପସ୍ଥିତ ଥିଲେ। ୨୫ଟି ପଞ୍ଚାୟତ ଓ ଗୋଟିଏ ଏନ୍‌ଏସି ଅଞ୍ଚଳରୁ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। କନିଷ୍ଠ ଓ ବରିଷ୍ଠ ବିଭାଗରେ ଛାତ୍ରୀଛାତ୍ରଙ୍କୁ ବିଭକ୍ତ କରାଯାଇ ତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, ସୃଜନଶୀଳ, ଲିଖନ, ବକ୍ତୃତା, ସାଧାରଣଜ୍ଞାନ ଓ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ପ୍ରତି ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଆଗାମୀ ଦିନରେ ହେବାକୁ ଥିବା ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ମନୋନୀତ ହୋଇଥିଲେ। ପ୍ରତ୍ୟେକ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

■ ୫-ଟି କାର୍ଯ୍ୟକ୍ରମର ସମୀକ୍ଷା

# ଯୋଜନା କାର୍ଯ୍ୟକାରିତାରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ

**ମାଲକାନଗିରି,୨୬।୧୦ (ଡି.ଏନ୍.ଏ.)**

ଅକ୍ଟୋବର ୨ରୁ ଆରମ୍ଭ ହୋଇଥିବା ମୋ ସରକାର କାର୍ଯ୍ୟକ୍ରମର ପଞ୍ଚସୂତ୍ରୀ (୫-ଟି) କାର୍ଯ୍ୟକ୍ରମର ପ୍ରଭାବ ରାଜ୍ୟ ଏବଂ ଜିଲାଗୁଡିକରେ ପଡିଥିଲା। ମାଲକାନଗିରି ଜିଲା ମଧ୍ୟ ଏଥିରୁ ବାଦ୍ ପଡିନାହିଁ। ଜିଲାର ବିଭିନ୍ନ ବିଭାଗ ପକ୍ଷରୁ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଉନ୍ନୟନମୂଳକ ଯୋଜନା କିପରି କାର୍ଯ୍ୟକାରୀ ହେଉଛି ସେ ସମ୍ପର୍କରେ ଶନିବାର ମାଲକାନଗିରି ସଦର ମହକୁମା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ହୋଇଛି। ବୈଠକରେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉଦ୍ଧବ ନାୟକଙ୍କ ସହ ସମସ୍ତ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ସରକାରଙ୍କ ୫-ଟି


ପ୍ରଶାସନ ପକ୍ଷରୁ ୫ଟି କାର୍ଯ୍ୟକ୍ରମର ସମୀକ୍ଷା ଅବସରରେ ଉପସ୍ଥିତ ଅଧିକାରୀମାନେ ।

କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ ଦ୍ୱାରା କରାଯାଇଥିବା ଜନହିତକର କାର୍ଯ୍ୟଗୁଡିକ ଉପରେ ସମୀକ୍ଷା କରାଯାଇଥିଲା। ପ୍ରତ୍ୟେକ ବିଭାଗ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ରହୁଥିବା ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାର କରୁଥିବା କାର୍ଯ୍ୟରେ ସ୍ୱଚ୍ଛତା, ସମନ୍ୱୟ, ଦୁର୍ନୀତିମୁକ୍ତ ଏବଂ ଠିକ କାର୍ଯ୍ୟ କରାଯିବା ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଯୋଜନାଗୁଡିକର ସୁଫଳ ଯେପରି ତୁରନ୍ତ ଲୋକଙ୍କ ନିକଟରେ ପହଞ୍ଚିବ, କାର୍ଯ୍ୟାଳୟରେ ଫାଇଲକୁ ତ୍ୱରାନ୍ୱିତ କରିବା, କ୍ଷେତ୍ର ପରିଦର୍ଶନ କରିବା, ଲୋକଙ୍କ ସମସ୍ୟା ବୁଝିବା ସହ ସମାଧାନ କରିବା ଉପରେ ଆଲୋଚନା ହୋଇଥିଲା। ମାସର ଶେଷ ଶନିବାର ଜିଲାସ୍ତରୀୟ କାର୍ଯ୍ୟାଳୟର ଅଧିକାରୀମାନେ ନିଜ କାର୍ଯ୍ୟାଳୟରେ ସକାଳ ୯ଟାରୁ ୧୨ ପର୍ଯ୍ୟନ୍ତ ଉପସ୍ଥିତ ରହି ନିଜ ବିଭାଗର ପଞ୍ଚସୂତ୍ରୀ କାର୍ଯ୍ୟକ୍ରମର ସମୀକ୍ଷା କରି ରିପୋର୍ଟ ଅପରାହ୍ନ ଗୋଟାଏରେ ବୈଠକରେ ଉପସ୍ଥାପନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। କୌଣସି ପଦାଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ଆସିଲେ ତୁରନ୍ତ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଅଧିକାରୀମାନଙ୍କୁ କହିଥିଲେ। ରାସ୍ତାଘାଟ, ପାନୀୟ ଜଳ, କୃଷି, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ବିଦ୍ୟୁତ୍, ବିଜୁ ପକ୍କା ଗୃହ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ଶ୍ରମିକ ପଞ୍ଜୀକରଣ, ଉଦ୍ୟାନ ବିଭାଗଗୁଡିକ ନିଜ ବିଭାଗର କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ଗୁଣନିଧି ନାୟକ ଧନ୍ୟବାଦ ଦେଇଥିଲେ।

■ ବୈଠକରେ ଛୁରାମାଡ ଘଟଣା

# ବିଧାନଙ୍କ ଦ୍ୱିତୀୟ ସ୍ତ୍ରୀ କଳ୍ପନାଙ୍କୁ ଗିରଫ କଲା ପୋଲିସ

**କାଲିମେଲା,୨୬।୧୦(ଡି.ଏନ.ଏ.)**

ମାଲକାନଗିରି ଜିଲା କାଲିମେଲା ଥାନା ଅନ୍ତର୍ଗତ ଏମପିଭି-୩୩ ଗ୍ରାମରେ ଗତ ମଙ୍ଗଳବାର ଦୁଇ ସଉଡୁଣୀଙ୍କ ଗଣ୍ଡଗୋଳକୁ କେନ୍ଦ୍ର କରି ହୋଇଥିବା ଛୁରାମାଡ ଘଟଣାରେ ଅଭିଯୁକ୍ତ ବିଧାନ ମିର୍ଦ୍ଧାଙ୍କ ଦ୍ୱିତୀୟ ସ୍ତ୍ରୀ କଳ୍ପନାଙ୍କୁ ଶନିବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଘଟଣା ପରେ ଗ୍ରାମବାସୀ ବିଧାନ ଓ କଳ୍ପନାଙ୍କୁ କାବୁ କରି ମାଡ ମାରିଥିଲେ। ଏଥିରେ ଉଭୟେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିଲେ। ଭଲ ହେବା ପରେ କଳ୍ପନାଙ୍କୁ ଗିରଫ କରାଯାଇଛି। ବିଧାନ ଏବେ ମଧ୍ୟ ଚିକିତ୍ସାଧୀନ ଥିବାରୁ ତାଙ୍କୁ ଗିରଫ କରାଯାଇନାହିଁ। ତେବେ ତାଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରାଯିବ ବୋଲି ଭାରପ୍ରାପ୍ତ ଥାନା ଅଧିକାରୀ ଶେଷଦେବ ବେହେରା କହିଛନ୍ତି। ଏହି ଘଟଣା ପରେ ଗ୍ରାମର ରଜନୀକାନ୍ତ ମଣ୍ଡଳଙ୍କ ଏତଲା ଅଧାରରେ ପୋଲିସ ଥାନା କେସ୍ ନଂ.


କଳ୍ପନା ।

୧୬୬/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଶନିବାର କଳ୍ପନାଙ୍କ ସହ ତାଙ୍କ ଦେଢଶୁର ବିପୁଲ ମିର୍ଦ୍ଧା, ବିପୁଲଙ୍କ ସ୍ତ୍ରୀ ସୁଷମା ଓ ଦିଅର ବିକାଶ ମିର୍ଦ୍ଧା, ତାଙ୍କ ସ୍ତ୍ରୀ ସୁଜାତାଙ୍କଠାରୁ ଅଧିକ ତଥ୍ୟ ପାଇବା ପାଇଁ ପୋଲିସ ସେମାନଙ୍କୁ ଥାନାକୁ ଡକାଇ ପଚରାଉଚରା କରିଥିଲା। ସୂଚନାଯୋଗ୍ୟ ଯେ, ଏହି ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇ କୋରାପୁଟ ମେଡିକାଲ କଲେଜରେ ଚିକିତ୍ସାଧୀନ ଅଛନ୍ତି।

■ ଝିଅର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

# ମାଲକାନଗିରି ନେବାକୁ ସହାୟତାର ହାତ ବଢ଼ାଇଲେ ସ୍ଥାନୀୟ ଯୁବକ

**ଚିତ୍ରକୋଣ୍ଡା,୨୬।୧୦(ଡି.ଏନ.ଏ. )**

ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ଶନିବାର ରୋଗୀ ଓ ପରିବାର ଲୋକଙ୍କୁ ସହାୟତା ଯୋଗାଇ ଦେଇଛନ୍ତି ଲୋକେ। ମାଲକାନଗିରି ଚିକିତ୍ସା ଲାଗି ଯିବାକୁ ସ୍ଥାନୀୟ ଅଞ୍ଚଳର ବୁଢା ଘଡେଇ, ଶଶାଙ୍କ ଶେଖର କର, ଦେବେନ୍ଦ୍ର ସାହୁ, ରବି ପାଢୀ, ରତ୍ନାକର ପ୍ରଧାନ, ବୁଲୁ ପଡ଼ିଆରୀ ଓ ଡାକ୍ତର ମୃଗାଙ୍କ ହାଲଦାର ଏହି ସହାୟତାର ହାତ ବଢାଇଛନ୍ତି। ଖବରରୁ ଜଣାପଡିଛି ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଭୁକ୍ତ ଗୁଣ୍ଠାୱାଡା ପଞ୍ଚାୟତ ଆମ୍ବଝୋଲା ଗ୍ରାମର ଲାଇକନ ହନ୍ତାଳ ଏବଂ ଦାନୁମତୀ ହନ୍ତାଳଙ୍କ ଝିଅ ହେଉଛନ୍ତି ଯମୁନା। ତାଙ୍କ ଅଣ୍ଟା ପଛରେ ଏକ ବଡ଼ ଟ୍ୟୁମର ହୋଇଛି। ଏଥିପାଇଁ ଯମୁନାଙ୍କ ଝିଅ ଦୀର୍ଘଦିନ ହେଲା କଷ୍ଟ ପାଉଛନ୍ତି। ଅର୍ଥ ଅଭାବରୁ ପରିବାର ଲୋକେ ଚିକିତ୍ସା କରିପାରୁନାହାନ୍ତି। ସ୍ଥାନୀୟ ଅଞ୍ଚଳର ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କ ପରାମର୍ଶ କ୍ରମେ କାକରପଡା ଆଶାକର୍ମୀ ବିରାଜି ଖିଙ୍କ


ଯମୁନାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ଆଣିଥିବା ପରିବାର ଲୋକେ ।

ସହ ମାଆବାପା ଯମୁନାଙ୍କୁ ଧରି ଚିତ୍ରକୋଣ୍ଡା ଡାକ୍ତରଖାନାକୁ ଆସିଥିଲେ। ଯମୁନାଙ୍କୁ ଦେଖିବା ପରେ ଉଚ୍ଚ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ଦାନୁମତି ଓ ଲାଇକନଙ୍କ ପାଖରେ ଟଙ୍କା ନ ଥିବାରୁ ଉଭୟେ ମାଲକାନଗିରି ପରିବର୍ତ୍ତେ ଝିଅକୁ ଧରି ଗାଁକୁ ଫେରିଯିବାକୁ ବାହାରିଥିଲେ। ଏହି ଖବର ସ୍ଥାନୀୟ ଯୁବକମାନେ ଜାଣିବା ପରେ ସେମାନେ ସହାୟତା କରିବାକୁ ଆଗେଇ ଆସିଥିଲେ। ଉପରୋକ୍ତ ବ୍ୟକ୍ତିମାନେ ପରସ୍ପର ଅର୍ଥ ଦେଇ ଯମୁନାଙ୍କୁ ଆମ୍ବୁଲାନ୍ସ ଯୋଗେ ମାଲକାନଗିରି ପଠାଇଥିଲେ। ସ୍ଥାନୀୟ ଯୁବକଙ୍କ ଏଭଳି ସହାୟତାକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ଜିଲା ପ୍ରଶାସନ ଯମୁନାଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

### ହାଟରେ ମିଳେ ଔଷଧୀୟ ଚେରମୂଳୀ

**ମାଲକାନଗିରି,୨୬।୧୦(ସ୍ୱ.ପ୍ର.)**

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ସାପ୍ତାହିକ ହାଟ ଜିଲାର ଏକ ବଡହାଟ ରୂପେ ପରିଚିତ। ଗୁରୁବାର ବସୁଥିବା ଏହି ହାଟ ଉପରେ ଆଖପାଖ ଅଞ୍ଚଳର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ନିର୍ଭର କରିଥାନ୍ତି। ବଣ୍ଡା, ଦିଦାୟୀ ଜାତିର ମହିଳା ହାଟରେ ବିଭିନ୍ନ ଔଷଧୀୟ ଚେରମୂଳୀ, ଖାଦ୍ୟ ପଦାର୍ଥ ନେଇ ବିକ୍ରି କରିଥାନ୍ତି। ସେମାନେ ବିଭିନ୍ନ ପ୍ରକାରର ଜଙ୍ଗଲି ଖାଦ୍ୟ ସାମଗ୍ରୀ ଯଥା କରଡି, ଲଲରି, ତରେଇ କନ୍ଦା, ହାଡ଼ ଶଙ୍କା, ଝାଡୁ, କାଙ୍ଗୁ, ମାଣ୍ଡିଆ, ସୁଆଁ, ଅଳସୀ ଓ ବିଭିନ୍ନ ପ୍ରକାର ଔଷଧୀୟ ଚେରମୂଳୀ ବିକ୍ରି କରୁଥିବା ଦେଖିବାକୁ ମିଳିଥାଏ । ଏମାନେ ଦୀର୍ଘ ୨୦/୩୦ କି.ମି. ପାହାଡିଆ ଅଞ୍ଚଳରୁ ଆସି କୁଡୁମୁଲୁଗୁମ୍ମା ହାଟରେ କିଣାବିକା କରି ପୁଣି ନିଜ ଘରକୁ ଫେରି ଯାଆନ୍ତି । ବିଭିନ୍ନ ପ୍ରକାର ଔଷଧୀୟ ଚେରମୂଳୀ ଉପରେ ସେମାନଙ୍କ ଜ୍ଞାନ ଥାଏ । ସେସବୁକୁ ସେମାନେ ଜଙ୍ଗଲରୁ ସଂଗ୍ରହ କରି ହାଟକୁ ଆଣିଥାନ୍ତି। ହାଡଶଙ୍କା ନାମକ ଏକ ଚେର ରହିଛି, ଯାହାର ଔଷଧୀୟ ଗୁଣ ହେଲା ହାଡ ଭାଙ୍ଗିଯାଇଥିଲେ ଏହାକୁ ସିଝାଇ ଏହାର ପାଣି ପିଇଲେ ହାଡ ଯୋଡ଼ିହେବା ସହିତ ମଜଭୁତ ହୋଇଥାଏ।

### ପଡିଆରେ ପଲ୍ଲୀସଭା

**ପଡ଼ିଆ,୨୬।୧୦ (ଡି.ଏନ୍.ଏ.)**

ପଡ଼ିଆ ସଦର ମହକୁମାସ୍ଥିତ ପଞ୍ଚାୟତସମିତି ସଭାଗୃହରେ ଏକ ପଲିସଭା ଅନୁଷ୍ଠିତ ହୋଇଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦେବା ମାଡ଼କାମୀ, ସରପଞ୍ଚ ନମିତା କରସ୍ତା, ନାଏବ ସରପଞ୍ଚ ଚିନ୍ନାମ ରତ୍ନାରାଜୁ, ପିଇଓ ତାରକନାଥ ସାନା, କନିଷ୍ଠଯନ୍ତ୍ରୀ ସମୟ ମାରାଣ୍ଡି ଏବଂ ସମସ୍ତ ୱାର୍ଡସଭ୍ୟମାନେ ଉପସ୍ଥିତ ଥିଲେ। ଚାଷୀଙ୍କ ପାଇଁ ଜମି ମରାମତି, ଗାଈଗୁହାଳ, ଛେଳି ଗୁହାଳ, କୁକୁଡା ଫାର୍ମ ସମ୍ପର୍କରେ ପଲିସଭାରେ ଆଲୋଚନା ହୋଇଥିଲା। ଏହି ଅବସରରେ କେତେକ ଚାଷୀ ନିଜ ନାମ ପଞ୍ଜିକୃତ କରିଥିଲେ। ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଆଜି ଆଲୋକର ପର୍ବ ଦୀପାବଳି

**ମାଲକାନଗିରି,୨୬।୧୦ (ଡି.ଏନ୍.ଏ.)**

ଆଜି ଆଲୋକର ପର୍ବ ଦୀପାବଳି। ଆଜିର ଦିନରେ ମାଟି ଦୀପର ଚାହିଦା ବେଶି ହୋଇଥାଏ । ଏଥିପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥାନ୍ତି କୁମ୍ଭକାର ପରିବାର । ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଦଳସାହିରେ ଥିବା କୁମ୍ଭକାରମାନେ ମଧ୍ୟ ଦୀପ ପ୍ରସ୍ତୁତ କରି ବଜାରରେ ବିକ୍ରି କରୁଛନ୍ତି। ଦୀପାବଳିରେ ପ୍ରତ୍ୟେକ ଘରଠାରୁ ଆରମ୍ଭ କରି ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ ଓ ସରକାରୀ କାର୍ଯ୍ୟାଳୟକୁ ଲିଟୁମାଳ ଏବଂ ଦୀପରେ ସଜା ଯାଇଥାଏ । ଏଥିପାଇଁ ବିଦ୍ୟୁତ୍‌ଚାଳିତ ଦୀପର ଚାହିଦା ସହ ମାଟିଦୀପର ମଧ୍ୟ ଚାହିଦା ରହିଛି। ଏହି କୁମ୍ଭକାରମାନେ ବିଭିନ୍ନ ସମୟରେ ମାଟି ପାତ୍ର, ଫୁଲ ମାଟି ହାଣ୍ଡି, ଫୁଲ କୁଣ୍ଡ ଓ ଦୀପ ତିଆରି କରି ପ୍ରତ୍ୟେକ ମଙ୍ଗଳବାର ସାପ୍ତାହିକ ହାଟରେ ବିକ୍ରି କରିଥାନ୍ତି। ବିଦ୍ୟୁତ୍‌ଚାଳିତ ଲିଟୁ ସାଜସଜ୍ଜାର ଗୁରୁତ୍ୱ ବଢିବା ପରେ ଏବେ ମାଟି ନିର୍ମିତ ଦୀପର ଚାହିଦା କିଛି ମାତ୍ରାରେ କମିଛି। କେବଳ ପର୍ବପର୍ବାଣି ସମୟରେ ଅଧିକ ପରିମାଣରେ ଦୀପ ବିକ୍ରି ହେଉଥିବା ବେଳେ ଅନ୍ୟ ସମୟରେ ବିଶେଷ ଚାହିଦା ନ ଥାଏ ବୋଲି ପ୍ରଧାନୀଗୁଡ଼ାର କୁମ୍ଭକାର ଅଶୋକ କୁମ୍ଭାର କହନ୍ତି। ଦିନକୁ ଦିନ କୁମ୍ଭକାର ପରିବାରମାନେ ନିଜ କୌଳିକ ବୃତ୍ତିରେ ପରିବର୍ତ୍ତନ ଆଣିଲେଣି। ପୂର୍ବରୁ ମାଲକାନଗିରି ସଦର ମହକୁମାରେ ପ୍ରାୟ ୫୦ଟି ପରିବାର ଏହି ବୃତ୍ତିରେ ଥିବାବେଳେ ବର୍ତ୍ତମାନ ଆମେ ମାତ୍ର ୬ଟି ପରିବାର ଏହି ବୃତ୍ତିକୁ ବଞ୍ଚାଇ ରଖିଛୁ ବୋଲି ମଇନା କୁମ୍ଭାର, ଗଣପତି କୁମ୍ଭାର କହିଛନ୍ତି।

# ତେଲେଙ୍ଗାନା ପର୍ଯ୍ୟଟନ ସ୍ଥଳୀ ନେଇ ମାଲକାନଗିରିରେ ପ୍ରଚାର

**ମାଲକାନଗିରି,୨୬।୧୦ (ଡି.ଏନ୍.ଏ.)**



ପ୍ରଚାରରେ ତେଲେଙ୍ଗାନାରୁ ଆସିଥିବା ପର୍ଯ୍ୟଟନ ଗାଡି ।

ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟରେ ଥିବା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀଗୁଡିର ବିକାଶ କରାଯାଇଥାଏ। ଏଥିପ୍ରତି ଆକୃଷ୍ଟ ହୋଇ ପର୍ଯ୍ୟଟକମାନେ ଆସିଥାନ୍ତି। ମାଲକାନଗିରି ଭଳି ଜିଲାରେ ପର୍ଯ୍ୟଟକମାନଙ୍କ ପାଇଁ ଅନେକ ଭିତ୍ତିଭୂମି ଯଥା ଐତିହାସିକ, ପୌରାଣିକ କିମ୍ବଦନ୍ତୀ ସହ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ରହିଛି। ଏ ସମ୍ପର୍କରେ ପ୍ରଚାରପ୍ରସାର ଅଭାବ ହେତୁ ଏହି ସ୍ଥାନଗୁଡିକୁ ଯେପରି ପର୍ଯ୍ୟଟକ ଆସିବା କଥା ଆସୁନାହାନ୍ତି। ସୀତାକୁଣ୍ଡ, ଆମାକୁଣ୍ଡ, ଗୋଇ ପର୍ବତରେ ଥିବା ଜୟପୁର ରାଜାଙ୍କ ଅସ୍ଥାୟୀ ନଅର ଆଦିର ପୁନରୁଦ୍ଧାର କରି ଲୋକଲୋଚନକୁ ଅଣାଯାଉନାହିଁ। ମାତ୍ର ସୀମାନ୍ତ ତେଲେଙ୍ଗାନା ରାଜ୍ୟରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀଗୁଡିକ ସମ୍ପର୍କରେ ପ୍ରଚାରପ୍ରସାର ପାଇଁ ତେଲେଙ୍ଗାନା ପର୍ଯ୍ୟଟନ ବିଭାଗ ପ୍ରଚାରପ୍ରସାର କରୁଛି। ଶୁକ୍ରବାର ମାଲକାନଗିରି ଜିଲାରେ ତେଲେଙ୍ଗାନା ରାଜ୍ୟ ପକ୍ଷରୁ ପ୍ରଚାର କରାଯାଇଥିଲା। ତେଲେଙ୍ଗାନାରେ ଥିବା ଧାର୍ମିକ ଓ ଐତିହାସିକ ସ୍ଥଳଗୁଡିକ ଦେଶର ଇତିହାସ ସହିତ ଜଡିତ। ଏହାକୁ ଦେଖି ଲୋକେ ଦେଶର ଇତିହାସ ଉପରେ ଅନେକ କଥା ଜାଣିପାରିବେ ବୋଲି ଏହି ପ୍ରଚାରକ ଦଳ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ତେଲେଙ୍ଗାନା ପର୍ଯ୍ୟଟନ ବିଭାଗର କାର୍ଯ୍ୟକାରୀ ନିର୍ଦ୍ଦେଶକ ଜି. ମାଧବୀ ଏବଂ ସଂଯୋଜକ କେ.କ୍ରିଷ୍ଣାଙ୍କ ନେତୃତ୍ୱରେ ଏକ ଦଳ ପ୍ରଚାରରେ ସାମିଲ ହୋଇଥିଲେ।

# ପୌର ପରିଷଦର ବିକାଶ ପାଇଁ ୪ କୋଟି ମଞ୍ଜୁର

**ମାଲକାନଗିରି,୨୬।୧୦ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସଦର ମହକୁମା ପୌର ପରିଷଦର ବିକାଶ ପାଇଁ ୪ କୋଟି ମଞ୍ଜୁର ହୋଇଛି। ଚଳିତ ୨୦୧୯-୨୦ ଆର୍ଥିକ ବର୍ଷରେ ଏହି ଟଙ୍କା ବ୍ୟୟ ବରାଦ ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ମାଲକାନଗିରିର ୨୧ଟି ୱାର୍ଡରେ ପରିମଳ, ଡ୍ରେନେଜ ବ୍ୟବସ୍ଥା ସହ ନୂତନ ରାସ୍ତା ନିର୍ମାଣ, ରାସ୍ତା ପ୍ରଶସ୍ତୀକରଣ ଓ କଲଭର୍ଟ ନିର୍ମାଣ ପାଇଁ ଏକ ଆକ୍ସନ ପ୍ଲାନ ତିଆରି ହୋଇଛି। କେଉଁ ପ୍ରକଳ୍ପରେ କେତେ ଅର୍ଥ ଖର୍ଚ୍ଚ ହେବ ସେନେଇ ନୂତନ ବ୍ୟବସ୍ଥା କରାଯାଇଛି। ବସ୍‌ଷ୍ଟାଣ୍ଡ ଉନ୍ନତୀକରଣ, ଜୟପୁରିଆଗୁଡାଠାରେ ଆର୍‌ସିସି କଲଭର୍ଟ ଓ ଆପ୍ରୋଚ ରୋଡ, ୱାର୍ଡ ନଂ.୯ରେ ଶିଶୁ ଉଦ୍ୟାନ, ଶିରିଡି ସାଇ ମନ୍ଦିର ନିକଟରେ ଆର୍‌ସିସି ରୋଡ ଓ କଲଭର୍ଟ ନିର୍ମାଣ, ପ୍ରଧାନୀଗୁଡା ଖେଳ ପଡିଆରେ ଗ୍ୟାଲେରି ନିର୍ମାଣ, ମୁଣ୍ଡାଗୁଡାରେ ଡବ୍ଲ୍ୟୁବିଏମ ରାସ୍ତା, ତଳସାହିରେ ବିଟି ରୋଡ, ନାକଟିମା ମନ୍ଦିର ନିକଟରେ ଆର୍‌ସିସି ଡ୍ରେନ ଏବଂ ସ୍ୱେଶାଲ ବ୍ରାଞ୍ଚଠାରୁ ନାକଟିମା ମନ୍ଦିର ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ, ମହେଶ୍ୱରୀ ଭବନଠାରେ ଆର୍‌ସିସି ଡ୍ରେନ ଓ କଲଭର୍ଟ ନିର୍ମାଣ, ମାଲକାନଗିରି ଦୈନିକ ବଜାରରେ ଶୌଚାଳୟ ନିର୍ମାଣ, ଗୁଗୁଲ କଲୋନୀରେ ରାସ୍ତା ନିର୍ମାଣରେ ଏହି ଅର୍ଥ ବ୍ୟୟ ହେବ। ଆଗାମୀ ଦୀପାବଳି ପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରି ଏହି ସବୁ ଅଞ୍ଚଳର ବିକାଶ କରାଯିବ ବୋଲି ନିର୍ବାହୀ ଅଧିକାରୀ ଏମ୍. ନୀଳକଣ୍ଠ ନାଇଡୁ କହିଛନ୍ତି। ନାଇଡୁ ପୌର ପରିଷଦର କର୍ମଚାରୀଙ୍କୁ ନେଇ ବିଭିନ୍ନ ସାହି ବୁଲିବା ସହିତ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି। ଜିଲାପାଳ ମନୀଷ ଅଗ୍ରୱାଲ ପୌର ପରିଷଦ ଅଧ୍ୟକ୍ଷ ଭାବେ ଏସବୁ କାର୍ଯ୍ୟର ସମୀକ୍ଷା କରିବେ ବୋଲି ସେ କହିଛନ୍ତି।

# କାଲିମେଲାରେ ଶିଶୁ ମହୋତ୍ସବ ସୁରଭି

**କାଲିମେଲା,୨୬।୧୦(ଡି.ଏନ.ଏ)**

ମାଲକାନଗିରି ଜିଲା କାଲିମେଲାରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଏମଭି-୬୯ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକର ୨୧ଟି ପଞ୍ଚାୟତର ସମସ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ପ୍ରଥମେ ପଞ୍ଚାୟତସ୍ତରୀୟ ସୁରଭରେ ଭାଗ ନେଇ ସେଠାରୁ ଚୟନ ହେବା ପରେ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ସାମିଲ ହୋଇଛନ୍ତି। ପ୍ରତି ପଞ୍ଚାୟତରରୁ ୧୩ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। କନିଷ୍ଠ ବିଭାଗରେ ୬୦ ଓ ବରିଷ୍ଠ ବିଭାଗରେ ୪୯ ଛାତ୍ରୀଛାତ୍ର ପ୍ରବନ୍ଧ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ତର୍କ, ଓ ସୃଜନାତ୍ମକ ଲିଖନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତ୍ୟେକ ବିଭାଗର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଜିଲାସ୍ତରକୁ ଯିବେ। କନିଷ୍ଠ ବିଭାଗରେ ୫ ଓ ବରିଷ୍ଠ ବିଭାଗରେ ୫ ଜଣଙ୍କୁ ଚୟନ କରାଯାଇଛି । ବ୍ଲକ ଶିକ୍ଷା ଅଧିକାରୀ ଗଙ୍ଗାଧର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କାଲିମେଲା ବ୍ଲକ ଅଧ୍ୟକ୍ଷ ମାଲା ମାଢି ମୁଖ୍ୟଅତିଥି, କାର୍ଯ୍ୟକ୍ରମର ସଂଯୋଜକ ଅସିତ ମିସ୍ତ୍ରୀ,ଏବିଇଓ ରବୀନ୍ଦ୍ରନାଥ ଧର, ଜିଲା ପ୍ରାଥମିକ ଶିକ୍ଷକ ସଂଘ ଉପସଭାପତି ସମିର କୁମାର ଗୋପ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଧ୍ରୁବ ଚରଣ ନାୟକ, ସମ୍ପାଦକ ଜୟନ୍ତ କୁମାର ସାମଲ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଅକ୍ଷୟ କୁମାର ପଣ୍ଡା,ରବୀନ୍ଦ୍ର ନାୟକଙ୍କ ସହ ସିଆରସିସିମାନେ ପରିଚାଳନା କରିଥିଲେ।



ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ରୋଗୀଙ୍କ ପାଇଁ ମାଗଣା ବସ୍ ସେବା ଆରମ୍ଭ

**ମାଲକାନଗିରି,୨୬।୧୦ (ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନଗିରି ଜିଲାବାସୀଙ୍କୁ ଦେଇଛନ୍ତି ଦୀପାବଳି ଉପହାର। ଜିଲାର ରୋଗୀ ଓ ତାଙ୍କ ସହାୟକଙ୍କ ଯିବା ଆସିବା ପାଇଁ ୨ଟି ମାଗଣା ବସ ସେବା ଆରମ୍ଭ କରିଛନ୍ତି। ଜିଲା ସଦର ମହକୁମାସ୍ଥିତ ଚିକିତ୍ସାଳୟ ପରିସରରେ ଶନିବାର ଏହି ମାଗଣା ବସ ସେବାକୁ ଶୁଭାରମ୍ଭ କରିଛନ୍ତି ଜିଲାପାଳ ମନୀଷ ଅଗ୍ରୱାଲ। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ ଏକ୍ସପ୍ରେସ ଯୋଜନାରେ ଏହି ୨ଟି ବସ୍ ଜିଲାକୁ ମିଳିଛି। ବସ ପ୍ରତ୍ୟେକ ଦିନ ୨ଟି ରୁଟରେ ଯାତାୟାତ କରିବ । ଗୋଟିଏ ବସ ଚିତ୍ରକୋଣ୍ଡା ବ୍ଲକର ଜନ୍ତାପାଇଠାରୁ ସକାଳ ୬.୩୦ରେ ବାହାରି ଜାନବାଇ, ଚିତ୍ରକୋଣ୍ଡା, ବାଲିମେଳା ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ସକାଳ ୧୦ରେ ପହଞ୍ଚିବ। ଅପରାହ୍ନ ୪ଟାରେ ମାଲକାନଗିରିରୁ ବାହାରି ସନ୍ଧ୍ୟା ୭.୩୦ରେ ଜନ୍ତାପାଇରେ ପହଞ୍ଚିବ। ସେହିପରି ଅନ୍ୟ ଏକ ବସ କାଲିମେଲା ବ୍ଲକର ମୋଟୁରୁ ସକାଳ ୬.୩୦ରେ ବାହାରି ଏମ.ଭି-୭୯, କାଲିମେଲା, ପୋଟେରୁ ହୋଇ ସକାଳ ୧୦ରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବ। ଏହି ବସ୍ ଅପରାହ୍ନ ୪ଟାରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରୁ ବାହାରି ମୋଟୁରେ ସନ୍ଧ୍ୟା ୭.୩୦ରେ ପହଞ୍ଚିବ । ମାଲକାନଗିରି ଜିଲାର ଦୁର୍ଗମ ଅଞ୍ଚଳର ଲୋକଙ୍କୁ ମାଗଣା ବସ୍ ସେବା ସହ ଆବଶ୍ୟକ ସମୟରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ସରକାର ଏହି ବସ ସେବା ଆରମ୍ଭ କରିଛନ୍ତି। ୫-ଟି ସଚିବ ଭି.କାର୍ତ୍ତିକେୟ ପାଣ୍ଡିଆନ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ ମୀନା ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶିକ ଶାଳିନୀ ପଣ୍ଡିତ ଗତ ୯ରେ ମାଲକାନଗିରି ଜିଲା ଗସ୍ତ କରି ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଥିଲେ । ଏହି ସମୟରେ ଜିଲା ପ୍ରଶାସନ ଏହି ୨ଟି ରୁଟ୍‌ରେ ବସ୍ ସେବା ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଥିଲା। ପରେ ମୁଖ୍ୟମନ୍ତ୍ରୀ ଏହାକୁ ଅନୁମୋଦନ କରିଥିଲେ। ଏହି ବସ୍ ସେବା ଗରିବ ଲୋକଙ୍କ ପାଇଁ ବେଶ୍ ସହାୟକ ହୋଇପାରିବ । ପୂର୍ବରୁ ରୋଗୀ ଓ ତାଙ୍କ ସହାୟକ ଗାଡ଼ିଭଡା ବାବଦରେ ବହୁ ଟଙ୍କା ଖର୍ଚ୍ଚ କରୁଥିଲେ । ରୋଗୀ କିମ୍ବା ତାଙ୍କ ସହାୟକଙ୍କୁ ଏହି ବସ୍‌ରେ ଯାତାୟାତ ବେଳେ କୌଣସି ବସ ଭଡ଼ା ଦେବାକୁ ପଡ଼ିବନାହିଁ ।


ବସ୍ ସେବାକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି ।

